# ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପୀନାଥ





**ସାକ୍ଷୀଗୋପାଳ, ୧୨।୧୧(ସମିସ)**

ପୁରୀ ଜିଲ୍ଲାର ଦ୍ୱିତୀୟ ଗଣପର୍ବ ସାକ୍ଷୀଗୋପାଳର ଅଁଳାନବମୀ ଓ ବଡ ଏକାଦଶୀ ପର୍ବ ଭାବେ ବେଶ ଜଣାଶୁଣା। ଏଥିଯୋଗୁଁ ସାକ୍ଷୀଗୋପୀନାଥଙ୍କ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କର ଭିଡ ପରିଲକ୍ଷିତ ହୋଇଛି। ପରମ୍ପରା ଅନୁଯାୟୀ ବଡ ଏକାଦଶୀ ତିଥିରେ ଲକ୍ଷ୍ମୀନାରାୟଣ ବେଶରେ ସାକ୍ଷୀଗୋପିନାଥ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଲମ୍ବା ଧାଡ଼ିରେ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହିତ ଠାକୁରଙ୍କୁ ଦର୍ଶନ କରିଥିଲେ। ପରମ୍ପରା ଅନୁଯାୟୀ କାର୍ତ୍ତିକ ମାସର ବଡ ଏକାଦଶୀରେ ଲୋକମାନେ ଠାକୁରଙ୍କ ପାଖରେ ନୂଆ ଧାନର ଚୁଡା କରି ପ୍ରଥମେ ପ୍ରଭୁ ସାକ୍ଷୀଗୋପୀନାଥ ଓ ମା' ରାଧାରାଣୀଙ୍କୁ ଭୋଗ ଲଗାଇଥାନ୍ତି। ଯାହାକି କୃଷି ପରିବାର ମାନେ ଠାକୁରଙ୍କ ପାଖରେ ପ୍ରଥମେ ନିଜ ବିଲର ଧାନରେ ପ୍ରସ୍ତୁତ ଚୁଡା ଭୋଗ କରିବା ପରେ ସେ ଖାଇଥାଏ। ମାତ୍ର ଏବେ ସେ ପରମ୍ପରା ଆଉ ଦେଖିବାକୁ ମିଳୁନାହିଁ। ଶହ ଶହ ଲୋକ ମନ୍ଦିର

**● ଚୁଡାଘଷା ବାସ୍ନାରେ ମହକିଲା ମନ୍ଦିର ବେଢା**

ବେଢ଼ାରେ ଚୁଡାଘଷା କରିଥିବା ଦେଖାଯାଇଛି। ସେହିପରି କିଛି ପରିବାର ଚୁଡାଘଷା କରି ନ ପାରି ସେବାୟତ ମାନଙ୍କ ଦ୍ୱାରା ବିକ୍ରୟ କରାଯାଉଥିବା ଚୁଡାଘଷା କିଣିଥିଲେ। ମନ୍ଦିର ଚତୁପାର୍ଶ୍ୱରେ ଚୁଡାଘଷା ପାଇଁ ସ୍ୱତନ୍ତ୍ର ଦେକାନ ମାନ ଖୋଲିଥିଲା। ଚୁଡାଗୁଣ୍ଡା, ଚିନି, ଗୁଡ, ଗୋଲମରିଚି, ଲବଙ୍ଗ, ଭଲଘିଅ, ନଡିଆ, ଖଟାକମଳା, ପାଚିଲା କଦଳୀ, ଖଇ, କୋରା, ସାକର, ଫେଣି ବିକ୍ରୟ କରାଯାଉଥିଲା। ସେହିପରି ଭୋଗ କରିବା ପାଇଁ ତାଳପତ୍ର ଭୋଗେଇ ବିକ୍ରୟ କରାଯାଉଥିବାର ଦେଖାଯାଇଥିଲା। ଏହି ଚୁଡାଘଷା ବାସ୍ନାରେ ମନ୍ଦିର ବେଢ଼ା ପରିସର ମହକି ଉଠିଥିଲା। ଘରେ ଯେତେ ଭଲକରି ଚୁଡାଘଷା କଲେ ମଧ ସାକ୍ଷୀଗୋପୀନାଥଙ୍କ ପାଖରେ ପ୍ରସ୍ତୁତ କରାଯାଇଥିବା ଚୁଡାଘଷାର ମହକ ସ୍ୱତନ୍ତ୍ର ରହିଛି। ଅନ୍ୟ ପକ୍ଷେ ପରମ୍ପରା ଅନୁଯାୟୀ ବିଭିନ୍ନ ଗ୍ରାମରୁ ନାମ ସଂକୀର୍ତ୍ତନ ଦଳ ମନ୍ଦିର ପରିସର ଓ ମନ୍ଦିର ବାହାରେ ଠାକୁରଙ୍କ ଗୁଣଗାନ କରିଥିଲେ। ସେହିପରି ପଞ୍ଚସଖା ପଡ଼ିଆରେ ତିନିଦିନ ଧରି ଅନୁଷ୍ଠିତ ଶ୍ରୀ ରାଧା ମହୋତ୍ସବ ମଙ୍ଗଳବାର ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି।

**ସାକ୍ଷୀଗୋପାଳର ଛତୁ, ଡାଳିମ୍ବ ଭୋଗ ପ୍ରସିଦ୍ଧ**

ସାକ୍ଷୀଗୋପୀନାଥ ମନ୍ଦିରରେ ଛତୁ ଓ ଡାଳିମ୍ବ ଭୋଗ ପାଇଁ ବେଶ ଜଣାଶୁଣା। ବିଶେଷ କରି ଠାକୁରଙ୍କ ନିକଟରେ ଛତୁ ଓ ଡାଳିମ୍ବ ସହିତ ଅନ୍ୟ ଭୋଗ କରାଯାଇଥାଏ। ସେଥିମଧ୍ୟରୁ ଛତୁ ଓ ଡାଳିମ୍ବ ଭୋଗର ବେଶ ଚାହିଦା ରହିଛି। ଛତୁ ୫ଟଙ୍କାରୁ ୫୦ ଟଙ୍କା ରହିଥିବା ବେଳେ ସେହିପରି ଡାଳିମ୍ବ ୨୫ଟଙ୍କାରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଲୋକମାନେ ଠାକୁରଙ୍କୁ ଦର୍ଶନ କରିବା ସହ ଛତୁ ଓ ଡାଳିମ୍ବ ଭୋଗ ନେଉଥିବା ଦେଖାଯାଇଥିଲା।

## ପ୍ରଧାନମନ୍ତ୍ରୀ ଫସଲ ବୀମାକୁ ନେଇ ସିଆଣ୍ଡି ପଞ୍ଚାୟତରେ ଚାଷୀ ଅସନ୍ତୋଷ

**କୃଷ୍ଣପ୍ରସାଦ, ୧୨।୧୧(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧିନସ୍ଥ ସିଆଣ୍ଡି ଗ୍ରାମ ପଞ୍ଚାୟତରେ ଅନାବୃଷ୍ଟି ଓ ନିଅଣ୍ଟିଆ ବୃଷ୍ଟିପାତ ଯୋଗୁଁ ୨୦୨୩ ଖରିଫ୍ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ସରକାର ମରୁଡ଼ି ଘୋଷଣା ନ କରି ଫସଲ ବୀମାରେ କ୍ଷୟକ୍ଷତି ଭରଣା କରାଯିବ ପ୍ରତିଶ୍ରୁତି ଦେଇଥିଲେ। ଫସଲ କ୍ରପ କଟିଂ ସମୟେ ଚାଷୀ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଅତି କମ୍ ଧାନ (ରୁଗଣା) ଅମଳ ଦର୍ଶାଯାଇଥିଲା। ବହୁ ବିଳମ୍ବରେ ଫସଲ ବୀମା ଅର୍ଥ ଚାଷୀ ମାନଙ୍କୁ ମିଳିଅଛି। ତାହା ପୁଣି ମାତ୍ର ଶତକଡା ୩୩ ପ୍ରତିଶତ କ୍ଷୟକ୍ଷତି ଆକଳନ କରାଯାଇଛି। କେଉଁ ତଥ୍ୟକୁ ଆଧାର କରି ଏପରି କରାଯାଇଛି ଚାଷୀ ମାନେ ଜାଣି ପାରୁନାହାନ୍ତି। ବ୍ରହ୍ମଗିରୀ ବିଧାୟିକା, ଲୋକସଭା ସଦସ୍ୟ, ଜିଲ୍ଲାପାଳ ଏହାର ପୁନଃ ବିଚାର ପାଇଁ ସିଆଣ୍ଡି ପଞ୍ଚାୟତ କୃଷକ ସଂଘ ସଭାପତି ଯୋଗେନ୍ଦ୍ର ନାଥ ପଲେଇ ଓ ସମ୍ପାଦକ ସନ୍ୟାସୀ ତରେଇ ଦୃଢ଼ ଦାବି କରିଛନ୍ତି। ସରକାର ଉପଯୁକ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ତୀବ୍ରତର ହେବା ସହିତ ଆଗାମୀ ଦିନରେ କ୍ରପ କଟିଂ ସମୟେ ଚାଷୀମାନେ ସହଯୋଗ କରିବେ ନାହିଁ। ଆବଶ୍ୟକ ପଡ଼ିଲେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ପଞ୍ଚାୟତର କୃଷକ ସଂଘ ସଭାପତି ଯୋଗେନ୍ଦ୍ର ନାଥ ପଲେଇ ଓ ସମ୍ପାଦକ ସନ୍ୟାସୀ ତରେଇ କହିଛନ୍ତି।

## କାର୍ତ୍ତିକ ମାସର ନିଆରା ପରମ୍ପରା ଆକାଶଦୀପ



**ନୟାହାଟ, ୧୨।୧୧(ସମିସ):** ଧରମ ମାସ କାର୍ତ୍ତିକରେ ଚାଲିଛି ବ୍ରତଧାରୀ ହବିଶ୍ୟାଳୀଙ୍କ ପୂଜାର୍ଚ୍ଚନା। ଈଶ୍ୱରପ୍ରେମୀ ମହିଳା ମାନେ ନିଷ୍ଠାର ସହିତ ବ୍ରତ ପାଳନ କରୁଥିବା ଦେଖିବାକୁ ମିଳିଛି। ଆକାଶ ଦୀପ ପରମ୍ପରା ଏବେ ବି ଜାରି ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ତୁଳସୀ ଚଉରା ମୂଳ ଓ ମନ୍ଦିର ମାନଙ୍କରେ ଏକ ଲମ୍ବା ବାଉଁଶ ପୋତା ଯାଇଥାଏ। ସେଥିରେ ଶଗଡ଼ି ସାହାଯ୍ୟରେ ଦଉଡ଼ି ଲଗାଯାଇ ମାଟି ହାଣ୍ଡିରେ ପ୍ରଦୀପ ଲଗାଇ ଆକାଶ ଦୀପ ଚଢ଼ା ଯାଇଥାଏ। ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ କାର୍ତ୍ତିକ ମାସ ସାରା ଆକାଶ ଦୀପ ଦାନ କରିବାର ପରମ୍ପରା ରହିଛି। ଅନେକ ସ୍ଥାନରେ ପଞ୍ଚୁକଠାରୁ ମଧ ଚଉରା ମୂଳରେ ପୂଜାର୍ଚ୍ଚନା କରି ଆକାଶ ଦୀପ ବନ୍ଧାଯାଏ। ଆକାଶ ଦୀପକୁ ଲକ୍ଷ୍ମୀ ନାରାୟଣ ଓ ରାଧାଦାମୋଦରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ। ଏହା ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଏକ ମୂକସାକ୍ଷୀ ପାଲଟିଥିବା ବେଳେ ଅତୀତରେ ସାଧବ ପୁଅମାନେ ବାଣିଜ୍ୟ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଆକାଶ ଦୀପ ସାହାଯ୍ୟରେ ଦିଗ ଚିହ୍ନଟ ସହଜରେ ଜାଣି ପରୁଥିଲେ। ସେହିପରି କାର୍ତ୍ତିକ ମାସରେ ବିଭିନ୍ନ ତୀର୍ଥକ୍ଷେତ୍ରକୁ ଯାତ୍ରା କରୁଥିବା ଶ୍ରଦ୍ଧାଳୁ ଆକାଶ ଦୀପକୁ ଲକ୍ଷ୍ୟକରି ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁଥିଲେ।

## ହାଇକୋର୍ଟ ବିଚାରପତିଙ୍କୁ ଅଟକାଇ ନିଲମ୍ବିତ ହେଲେ ଏଏସଆଇ

**ସାକ୍ଷୀଗୋପାଳ, ୧୨।୧୧(ସମିସ):** ସାକ୍ଷୀଗୋପାଳ ଅଁଳାନବମୀ ଯାତ୍ରା ସମୟରେ ପୁଲିସ ତା'ର ପାୱାର ଦେଖାଇଛି। ହାଇକୋର୍ଟର ଜଣେ ବିଚାରପତି ଅଁଳାନବମୀ ଦିନ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଆସିଥିଲେ। ମନ୍ଦିରର ଉତ୍ତର ଦ୍ୱାର ବାଟେ ଯିବା ସମୟରେ ସେଠାରେ ଡ୍ୟୁଟିରେ ଥିବା ଜଣେ ଏଏସଆଇ ବେଗୁନିଆ ଥାନାର ବସନ୍ତ କୁମାର ବେହେରା ତାଙ୍କୁ ଅଟକାଇଥିଲେ। ଜଣେ ବିଚାରପତିଙ୍କୁ ପ୍ରତି ଏପରି ବିଶୃଙ୍ଖଳିତ ବ୍ୟବହାର ପାଇଁ ଶେଷରେ ସେ ଚାକିରିରୁ ନିଲମ୍ବିତ ହୋଇଛନ୍ତି।

## ନାବାଳିକା ଉଦ୍ଧାର

**ଚାରିଛକ, ୧୨।୧୧(ସମିସ):** ଚାରିଛକ ପୁଲିସ ସୋମବାର ଉତ୍ତରା ନିକଟସ୍ଥ ମାଣ୍ଡୁପଦାଠାରୁ ଜଣେ ନାବାଳିକାକୁ ଉଦ୍ଧାର କରିଛି। ଖବରରୁ ଜଣାଯାଇଛି ଯେ ନିଆଳି ଥାନା ଅନ୍ତର୍ଗତ ବେତେଣ୍ଡା ଗ୍ରାମର ଲକ୍ଷ୍ମଣ ଘୋରଣ ନାମକ ଜଣେ ଯୁବକ ଚାରିଛକ ଥାନା ଅଞ୍ଚଳର ଏକ ବିଦ୍ୟାଳୟରୁ ନବମ ଶ୍ରେଣୀ ପଢୁଥିବା ଜଣେ ଛାତ୍ରୀକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅପହରଣ କରି ନେଇ ତାଙ୍କ ସମ୍ପର୍କୀୟ ଭୁବନେଶ୍ୱର ଉପଖଣ୍ଡ ଉତ୍ତରା ନିକଟସ୍ଥ ମାଣ୍ଡୁପଦାଠାରେ ରଖିଥିଲା। ନାବାଳିକାର ବାପାଙ୍କ ଅଭିଯୋଗ କ୍ରମେ ଚାରିଛକ ପୁଲିସ ଏକ ମାମଲା ରୁଜୁକରି ଉକ୍ତ ସ୍ଥାନରେ ଚଢଉ କରି ନାବାଳିକାକୁ ଉଦ୍ଧାର କରିଥିବା ଜଣାପଡ଼ିଛି।

## ହୋଟେଲରେ ଭଙ୍ଗାରୁଜା; ୨ ଗିରଫ

**ଚାରିଛକ, ୧୨।୧୧(ସମିସ):** ଚାରିଛକ ବଜାରରେ ଥିବା ଜ୍ୟୋତି ହୋଟେଲରେ ପଶି ଭଙ୍ଗାରୁଜା କରିବା ଅଭିଯୋଗରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ହାଣ୍ଡିଆ ପଡ଼ା ଗ୍ରାମର ଅନନ୍ତ ଭୋଇ (୩୦) ଓ ପଥରପଦା ଗ୍ରାମର ଆକାଶ ନାୟକ (୨୦)। ଅନନ୍ତ ଓ ଆକାଶ ନିଶାଶକ୍ତ ଅବସ୍ଥାରେ ହୋଟେଲର ଆସବାପତ୍ର ଭଙ୍ଗାରୁଜା କରିବା ସହ ସେଠାରେ ଖାଉଥିବା ନିଆଳି ଥାନା ଅନ୍ତର୍ଗତ ଷଡ଼ଙ୍ଗଶ ଗ୍ରାମର ଲଲାଟେନ୍ଦୁ ଭୋଲକୁ ମାଡ ମାରିବା ସହିତ ମରଦ୍ଦକ ମାଡ ମାରିବା ସହିତ ଲଲାଟେନ୍ଦୁ ବେକରେ ପିନ୍ଧିଥିବା ଏକ ସୁନା ଚେନକୁ ଛଡାଇ ନେଇ ପଳାଇଥିଲେ। ଗୁରୁତର ଅବସ୍ଥାରେ ଲଲାଟେନ୍ଦୁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି। ଲଲାଟେନ୍ଦୁଙ୍କ ଅଭିଯୋଗ କ୍ରମେ ପୁଲିସ ଗଣ୍ଡଗୋଳ ଘଟାଇଥିବା ୨ ଜଣ ଯୁବକକୁ ଚାରିଛକ ନିକଟ ଓରପଟ ଛକରୁ ଧରିଥିଲା। ସେମାନଙ୍କ ଠାରୁ ପୁଲିସ ସୁନାଚେନଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଆସନ୍ତାକାଲି ଉଭୟଙ୍କୁ କୋର୍ଟ ଚାଲଣ କରାଯିବ ବୋଲି ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଅଁଳାନବମୀ ପରେ ବଡ଼ ଏକାଦଶୀରେ ଜିଲ୍ଲା ପ୍ରଶାସନର ଅପାରଗତା ପଦାରେ ପଡ଼ିଲା

**ସାକ୍ଷୀଗୋପାଳ, ୧୨।୧୧(ସମିସ):** ସାକ୍ଷୀଗୋପାଳ ଅଁଳାନବମୀ ଯାତ୍ରା ସମୟରେ ଜିଲ୍ଲା ପ୍ରଶାସନର ଅପାରଗତ ପଦାରେ ପଡ଼ିବା ପରେ ଏବେ ତା ଠାରୁ ଅଧିକ ଅବବ୍ୟବସ୍ଥା ହୋଇପଡ଼ିଛି ବଡ ଏକାଦଶୀ ପର୍ବ। ବ୍ୟାରିକେଡ ଆଗରେ ଶହ ଶହ ଗାଡି ମଟର ଠିଆ ହେବା ଫଳରେ ଲୋକମାନେ ଯିବା ଆସିବାରେ ଘୋର ସମସ୍ୟା ଦେଖାଯାଇଛି। ଟ୍ରାଫିକ ସମସ୍ୟା ଯୋଗୁଁ ଲୋକମାନେ ନାହିଁ ନ ଥିବା ହଇରାଣ ଭୋଗିଛନ୍ତି। ଆଜି ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଗାଡି ମଟର ଯିବା ଆସିବା କରିବା ଫଳରେ ଟ୍ରାଫିକ ସମସ୍ୟା ଦେଖାଯାଇଛି।

**● ଫଟୋ ଓ ସେଲ୍ଫି ପାଇଁ ଜଗନ୍ନାଥଙ୍କୁ ଛାଡିଲେନି**

ଜିଲ୍ଲା ପ୍ରଶାସନ ଓ ବିଧାୟକଙ୍କ ପକ୍ଷରୁ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେଥି ମଧ୍ୟରୁ ଦୋଳବେଦୀ ନିକଟରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବଡ ବଡ ବିଗ୍ରହ ମୂର୍ତ୍ତିକୁ ଫୁଲରେ ସଜାଇ ଯାତ୍ରାକୁ ସୁନ୍ଦର କରିବା ସହ ଆସୁଥିବା ଲୋକମାନଙ୍କ ମନରେ ଭକ୍ତି ସୃଷ୍ଟି କରିବା ପାଇଁ ଏହା କରାଯାଇଥିଲା। କିଛି ମହିଳା ସେଠାରେ ମୁଣ୍ଡିଆ ମାରୁଥିବା ବେଳେ କିଛି ଯୁବଗୋଷ୍ଠୀ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସାମନାରେ ଫଟୋ ଓ ସେଲଫି ନେବାକୁ ଭିଡ କରିଥିଲେ।

**● ଭୋଗ ଦେକାନରେ ଭିଡ଼**

ସାକ୍ଷୀଗୋପାଳରେ ବଡ ଏକାଦଶୀରେ ଚୁଡାଘଷା ଯୋଗୁଁ ଲୋକଙ୍କ ଭୋଗ ଦୋକାନରେ ଗହଳି ପରିଲକ୍ଷିତ ହୋଇଛି। ଲୋକମାନେ ଚୁଡାଗୁଣ୍ଡ, ଚିନି, ଗୁଡ, ତାଳପତ୍ର, ଖଟାକମଳା, ଚୁଡାଘଷା ମସଲା, ଘିଅ, ଖଇକୋରା, ପାଚିଲା କଦଳୀ କିଣିବା ପାଇଁ ଗହଳି ପରିଲକ୍ଷିତ ହୋଇଛି।

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଜାନୁୟାରୀ ୫ରୁ

**ନିମାପଡ଼ା, ୧୨।୧୧(ସମିସ):** ନିମାପଡ଼ା ବାରବାଟିରେ ୨୯ତମ ନିମାପଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁଆରୀ ୫ରୁ ଆରମ୍ଭ ହେବ। ଏଥିପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୫ରୁ ଆରମ୍ଭ ହୋଇ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ନିମାପଡ଼ା ଆଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବାରବାଟୀ ପଡ଼ିଆ ମିନି ଷ୍ଟାଡିୟମରେ ଖେଳାଯିବ। ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ପୁରୀ, କଟକ, ଭୁବନେଶ୍ୱର, ପାରାଦ୍ୱୀପ, ରାଉରକେଲା, ବ୍ରହ୍ମପୁର ଓ ରେଲୱେ ପ୍ରମୁଖ ୮ଟି ଟିମ୍ ଅଂଶଗ୍ରହଣ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଥିବା ଜଣାପଡ଼ିଛି। ନିମାପଡ଼ା ଆଥଲେଟିକ ଆସୋସିଏସନ କ୍ରିକେଟ ସମ୍ପାଦକ ଅକ୍ଷୟ ବେହେରାଙ୍କ ନେତୃତ୍ୱରେ ଆସୋସିଏସନ ପରିସରରେ ଗତ ସନ୍ଧ୍ୟାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ନିର୍ମଳ ମିଶ୍ର, ଅଭିନନ୍ଦନ ପାତ୍ର, ସରୋଜ ମହାନ୍ତି, ଅଭିଜିତ ମିଶ୍ର, ଆଶୁତୋଷ ରାୟ, ଡି.ଏସ୍.ମହାନ୍ତି, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ବରିଷ୍ଠ ସଭ୍ୟମାନେ ଯୋଗଦେଇ ୨୯ତମ ଟୁର୍ଣ୍ଣାମେଣ୍ଟକୁ ପୂର୍ବ ବର୍ଷ ଅପେକ୍ଷା ଅଧିକ ସରସ ସୁନ୍ଦର କରିବା ନିମନ୍ତେ ଆଲୋଚନା କରିଥିଲେ। ଦୀର୍ଘ ୨୮ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହି ଟୁର୍ଣ୍ଣାମେଣ୍ଟ ନିମାପଡ଼ାର କ୍ରିକେଟ ଖେଳ ଓ ଖେଳାଳିଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଚଳିତ ୨୯ତମ ସଂସ୍କରଣ ଅଧିକ ଆକର୍ଷଣୀୟ ତଥା ଧୂମଧାମ୍ ସହକାରେ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି। ଟୁର୍ଣ୍ଣାମେଣ୍ଟର ପୂର୍ଣ୍ଣାଙ୍ଗ ଖେଳସୂଚୀ ଓ ସବିଶେଷ ବିବରଣୀ ପରବର୍ତ୍ତୀବୈଠକତଥାପ୍ରେସ୍ମିଟ୍ମାଧମରେଜଣାଇଦିଆଯିବବୋଲିସମ୍ପାଦକଅକ୍ଷୟବେହେରାକହିଛନ୍ତି।



## ଆମପଡ଼ାରେ ସରୁନି ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ

**ନୟାହାଟ, ୧୨।୧୧(ସମିସ):** ରାଜ୍ୟ ସରକାର ଗରିବ ଲୋକମାନଙ୍କୁ ବସୁଧା ଯୋଜନାରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୟରେ ଆରମ୍ଭ ହୋଇ ଥିବା ପାନୀୟଜଳ ଯୋଜନା ଏବେ ସୁଦ୍ଧା କେତେକ ଗ୍ରାମରେ ଅଧାପାନ୍ତରିଆ ହୋଇ ପଡ଼ିରହିଛି। ପ୍ରକାଶ ଯେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତ ଆମପଡ଼ା ଗ୍ରାମରେ ବସୁଧା ଯୋଜନାରେ ପାଇପ୍ ଦ୍ୱାରା ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଦୁଇ ବର୍ଷ ହେଲା ନିର୍ମାଣ ଚାଲୁଥିବା ପାଣି ଟାଙ୍କି କାର୍ଯ୍ୟ ସରୁ ନ ଥିବା ବେଳେ ତାହା କେବେ ସରିବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ପାଣି ଟାଙ୍କି କାର୍ଯ୍ୟ ନିମ୍ନମାନର କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।



## ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନକୁ ପ୍ରକୃତି ମିତ୍ର ପୁରସ୍କାର



**କୃଷ୍ଣପ୍ରସାଦ, ୧୨।୧୧(ସମିସ):** ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀର କୃଷ୍ଣପ୍ରସାଦ ବ୍ଲକରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ଇକୋ ଟୁରିଜିମ ଫାଉଣ୍ଡେସନକୁ ଚଳିତ ବର୍ଷ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପ୍ରମାଣପତ୍ର ସହିତ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଅଛି। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର ଓ ସହକାରୀ ବନ ସଂରକ୍ଷକ ଉତ୍ତମ କୁମାର ଗଡ଼ନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରକୃତି ଓ ପରିବେଶ ପାଇଁ ଦୀର୍ଘ ବର୍ଷ ଧରି ନିରନ୍ତର ସେବା କରିଆସୁଥିବା ଅନୁଷ୍ଠାନର ସଭାପତି ଯୁଗବ୍ରତ କର ପ୍ରଶଂସାର ପାତ୍ର ହୋଇଛନ୍ତି। ଫାଉଣ୍ଡେସନ ତରଫରୁ ସାମାଜିକ କର୍ମୀ ଅନୁଜ ବେହେରା ଓ ଆଶିଷ କୁମାର ସ୍ୱାଇଁ ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଦୀର୍ଘଦିନ ଧରି ଚାରା ରୋପଣ, ତାଳ ମଞ୍ଜି ରୋପଣ, ଡ଼ଲଫିନ ସୁରକ୍ଷା, କଇଁଛ ସୁରକ୍ଷା, ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସହ ଚିଲିକାର ଅଧିଷ୍ଠାତ୍ରୀ ମା' କାଳିଜାଈଙ୍କ ପୀଠ ସମେତ ପର୍ଯ୍ୟଟନ ସ୍ଥଳୀ ଓ ଦର୍ଶନୀୟ ସ୍ଥାନମାନଙ୍କରେ ସଚେତନତା ସହ ସଫେଇ କରାଯାଉଛି।

## 'ସବୁଜ ସଂକଳ୍ପ'କୁ ପ୍ରକୃତି ମିତ୍ର ପୁରସ୍କାର

**ଗୋପ, ୧୨।୧୧(ସମିସ):** ଗୋପ ବ୍ଲକ ଅଧିନ ଗଣେଶ୍ୱରପୁର ପଞ୍ଚାୟତ ସ୍ଥିତ ଗଳଦରି ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ 'ସବୁଜ ସଂକଳ୍ପ'କୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଂଗଠନ ସ୍ଥାନୀୟ ଅଞ୍ଚଳରେ ୫ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷ ଲଗାଇ ଚର୍ଚ୍ଚାରେ ରହିଥିବାବେଳେ ସଂଗଠନର ୩୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ନିଜର ଅଙ୍ଗଦାନ କରିବା ଲାଗି ଶପଥ ପାଠ କରିଥିବା ଜଣାପଡ଼ିଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ବିବେକ କୁମାର ଉକ୍ତ ସଙ୍ଗଠନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ସଂଗଠନର ସଭାପତି ରମେଶ ବେହେରା ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ରମାକାନ୍ତ ପାଣି, କାହ୍ନୁଚରଣ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ।



## ଗୋପ ପଞ୍ଚାୟତ ସମିତି ବୈଠକ
# ୧୩ ସମିତି ସଭ୍ୟ ଓ ୨୨ ସରପଞ୍ଚ ଅନୁପସ୍ଥିତ



**ଗୋପ, ୧୨।୧୧(ସମିସ)**

ଗୋପ ପଞ୍ଚାୟତ ସମିତି ସଭା ଗୃହରେ ମଙ୍ଗଳବାର ଷଷ୍ଠ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ୍ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜନୈତିକ ବିବାଦ ଲାଗି ରହିଥିବା ଯୋଗୁଁ ବୈଠକରେ ୧୩ ସମିତି ସଭ୍ୟ ଓ ୨୨ ସରପଞ୍ଚ ଅନୁପସ୍ଥିତ ରହିଥିଲେ। କେବଳ ୧୮ଜଣ ସମିତି ସଭ୍ୟ ଓ ୯ଜଣ ସରପଞ୍ଚ ଉପସ୍ଥିତ ଥିଲେ। ବୈଠକରେ ପୁରୀ ସଦର ବିଧାୟକ ସୁନିଲ୍ ମହାନ୍ତି, କାକଟପୁର ବିଧାୟକ ତୁଷାରିକାନ୍ତି ବେହେରା ଯୋଗ ଦେଇଥିବାବେଳେ ଉପ-ମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ଓ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ପୁରୀ ସାଂସଦ ସମ୍ବିତ୍ ପାତ୍ର ପ୍ରମୁଖ ଅନୁପସ୍ଥିତ ଥିଲେ। ପ୍ରଥମେ ମହିଳା ଶିଶୁ ବିକାଶ ବିଭାଗର ଆଲୋଚନା କରାଯାଇଥିବାବେଳେ ଶିଶୁଙ୍କ ଖାଦ୍ୟ ପାଇଁ ସରକାର ମାତ୍ର ୮ ଟଙ୍କା ପ୍ରଦାନ କରୁଥିବାବେଳେ ଅଣ୍ଡା ପାଇଁ ମଧ ଆବଶ୍ୟକୀୟ ପରିମାଣର ଅର୍ଥ ରାଶି ପ୍ରଦାନ କରୁ ନ ଥିବା କେତେକ ସମିତି ସଭ୍ୟସଭ୍ୟାମାନେ ଅଭିଯୋଗ କରିଥିବାବେଳେ ଏହି ଦର ବୃଦ୍ଧି ଲାଗି ଗୋପ ପଞ୍ଚାୟତ ସମିତି ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ସମ୍ପର୍କରେ ଆଲୋଚନା କରାଯାଇଥିବାବେଳେ କୃଷି ବିଭାଗର ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବୈଠକ ଶେଷରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ୍ ସମସ୍ତ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ତାଙ୍କୁ ଅଣଦେଖା କରାଯାଉଥିବା ଓ ସରକାରୀ ଗାଡ଼ି ଦିଆଯାଉ ନ ଥିବା ଭଳି ଗୁରୁତର ଅଭିଯୋଗ ଆଣି ହଠାତ୍ କାନ୍ଦିବାକୁ ଲାଗିଥିଲେ। ଏ ନେଇ କିଛି ସମୟ ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଗୋପ ବିଡ଼ିଓ ଉତ୍ତର ରଖି ଯେଉଁ ଦିନ ଗାଡ଼ି ଆବଶ୍ୟକ ତାହାର ପୂର୍ବରୁ ଜଣାଇଲେ ଗାଡ଼ି ମିଳିବ ବୋଲି କହି ବୈଠକସ୍ଥଳରୁ ପଳାଇ ଯାଇଥିଲେ। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ପଚାରିବାରେ ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଯେଉଁମାନେ ବ୍ଲକର ଉନ୍ନତି ଚାହୁଁନାହାନ୍ତି ସେ ଏଭଳି କାର୍ଯ୍ୟ କରୁଥିବେ ବୋଲି ପ୍ରତିକ୍ରିୟାରେ କହିଥିଲେ। ତେବେ ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ମୋନାଲିସା ସେଠୀ, ସାଗରିକା ନାୟକ, ପୁଷ୍ପାରାଣୀ ସ୍ୱାଇଁ, ଗୋପ ତହସିଲଦାର ସୁନିଲ୍ ମହାନ୍ତି, ଅତିରିକ୍ତ ବିଡ଼ିଓ ଦୀପକ କୁମାର ଜେନା, ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀ, ବ୍ଲକ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ସାହୁ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା, ଉଦ୍ୟାନ ବିଭାଗ ଅଧିକାରୀ ତ୍ରିଭୁବନ ବଡ଼ଜେନାଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।



୧୨/୧୧/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୮୧,୦୯୬/-

ସୁନା: ୩୧.୫୦୦ ଗ୍ରାମ୍
ରୁପା: ୨୧୪.୪୦୦ ଗ୍ରାମ୍







## ପଞ୍ଚୁକ ନୀତି ଶୃଙ୍ଖଳିତ ପାଇଁ ବ୍ୟବସ୍ଥା ହୋଇଛି: ମୁଖ୍ୟ ପ୍ରଶାସକ

ପୁରୀ,୧୨ା୧୧(ସମିସ): ପଞ୍ଚୁକ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି, ପଞ୍ଚୁକ ନୀତି ଶୃଙ୍ଖଳିତ ପାଇଁ ସମସ୍ତ ସେବାୟତଙ୍କ ସହ ଆଲୋଚନା ହୋଇଛି। ନୀତିରେ ସାମାନ୍ୟ ବିଳମ୍ବ ରହୁଛି। ନୀତି ଚାଲୁଥିବା ସମୟରେ ମାଇକ ଯୋଗେ ସୂଚନା ଦିଆଯାଉଛି। ମରିଚିକୋଟ ଛକରୁ ହୋଇଥିବା ବ୍ୟାରିକେଡ଼ରେ ଆକ୍ସେନ କଣ୍ଟ୍ରୋଲ ସିଷ୍ଟମ ମାଧ୍ୟମରେ ଭିଡ଼ ପରିଚାଳନା କରାଯାଉଛି। ବ୍ୟାରିକେଡରେ ଭକ୍ତଙ୍କୁ ଆବଶ୍ୟକୀୟ ସୁବିଧା ଉପଲବ୍ଧ ହେଉଛି। ଏଥର ପଞ୍ଚୁକ ୫ ଦିନ ପରିବର୍ତ୍ତେ ୪ ଦିନ ପଡିଥିବାରୁ ଭିଡ଼ ଆହୁରି ବଢିବା ସମ୍ଭାବନା ରହିଛି। ଶୃଙ୍ଖଳିତ ଦର୍ଶନ ପାଇଁ ଭକ୍ତ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି ବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ତେବେ ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁଙ୍କର ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଛି। ୧୩ରେ ବାଙ୍କଚୂଡ଼ା ବେଶ, ୧୪ରେ ଡାଳିକିଆ ବା ତ୍ରିବିକ୍ରମ ବେଶ ଏବଂ ୧୫ ତାରିଖ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ତେବେ ଚଳିତ ବର୍ଷ ଚତୁର୍ଦ୍ଦଶୀ ତିଥି କ୍ଷୟ ପଡୁଥିବାରୁ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବନାହିଁ। ଶ୍ରୀମନ୍ଦିର ଭିତରେ ମଧ୍ୟ ଭକ୍ତଙ୍କ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ଆଗକୁ ନୂତନ ପରିଚାଳନା କମିଟି ଆସିବା ପରେ ନୂତନ ବର୍ଷ ଭିଡ଼ ପାଇଁ ନୀତି ନିର୍ଦ୍ଧାରିତ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି।

### ଆରମ୍ଭ ହେଲା ପଞ୍ଚୁକ

# ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୧୨ା୧୧(ସମିସ)

ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ର। ପଞ୍ଚୁକ ବ୍ରତର ପ୍ରଥମ ଦିନ ଅର୍ଥାତ୍ ମଙ୍ଗଳବାର ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ଏଥର ପଞ୍ଚୁକ ୪ ଦିନିଆ ପଡିଥିବା ବେଳେ ଦାରୁଦିଅଁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ଲାଗି ୧୫ ତାରିଖରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ।

ସୋମବାର ରାତିରେ ବଡ଼ ମହାସ୍ନାନ ଯୋଗୁ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ଫଳରେ ରାତ୍ର ୧ଟା ୫୦ରେ ପହୁଡ଼ ହୋଇଥିବା ବେଳେ ମଙ୍ଗଳବାର ଭୋର ୪ଟା





### ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି

### ଆଜି ରତ୍ନସିଂହାସନରେ ବାଙ୍କଚୂଡ଼ା ବେଶ

ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ବୁଧବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନ ସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କ ବାଙ୍କଚୁଡା ବେଶ ଅନୁଷ୍ଠିତ ହେବ। ଏହିଦିନ ଗରୁଡ଼ ଉତ୍ଥାପନ ନୀତି ମଧ୍ୟ ରହିଛି। ସେହିପରି ୧୪ରେ ଡାଳିକିଆ ବା ତ୍ରିବିକ୍ରମ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ୩୦ରେ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରଯାଇଥିଲା। ଏହାପରେ ମଇଲମ ଓ ତଡପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ପୁଷ୍ପାଳକମାନେ ତିନିଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ୪ଟି ସୁବର୍ଣ୍ଣ ଶ୍ରୀଭୂଜ, ୩ଟି କିରୀଟ, ୪ଟି ଶ୍ରୀପୟର, ୬ଟି କାନ, ୪ଟି କଦମ୍ବମାଳି, ୧ଟି ହରିଡା କଦମ୍ବମାଳି, ୨ଟି ବାହାଡା ମାଳି, ଗୋଟିଏ ତାବିଜ ମାଳି, ଗୋଟିଏ ବାଘ ନଖମାଳୀ, ୩ଟି ସେବତୀ ମାଳି, ୨ଟି ହଳମୂଷଳ, ଗୋଟିଏ ଚକ୍ର, ୨ଟି ତ୍ରିଶାଖା, ୩ଟି ଅଳକା, ୪ଟି ଶ୍ରୀମୁଖ ପଦ୍ମ, ଗୋଟିଏ ରୂପା ଶଙ୍ଖ, ୩ଟି ଓଡିଆଣୀ, ୩ଟି ଚନ୍ଦ୍ରସୂର୍ଯ୍ୟ, ୨ଟି ତିଳକ (ଚିତା), ୩ଟି ଘାଘଡା ମାଳି, ୪ଟି କୁଣ୍ଡଳ, ୨ଟି ତଡଗୀ ଓ ଗୋଟିଏ ସ୍ୱର୍ଣ୍ଣ ଟୋପର ଲାଗି ହୋଇଥିଲା। ଏହି ମାସରେ ଅନୁଷ୍ଠିତ ହୋଇଥିବା ରାଧାଦାମୋଦର ବେଶରେ ଠାକୁର ଶ୍ରୀହସ୍ତରେ ନଳୀଭୂଜ ଧାରଣ କରୁଥିବାବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୂଜ, ଶଙ୍ଖ, ଚକ୍ର, ହଳ, ମୂଷଳ ସହିତ ଅନ୍ୟାନ ଅଳଙ୍କାର ଧାରଣ କରିଥିଲେ। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଇଥିଲା। କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗାଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ ବାଳଧୂପ ସରିବା ପରେ ତିନି ବାଡରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ ନୀତି ଅନୁଷ୍ଠିତ ହୋଇଥିଲା।

ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁଙ୍କ ପଞ୍ଚକ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ମରିଚିକୋଟ ଛକଠାରୁ ହୋଇଥିବା ବ୍ୟାରିକେଡ ଦେଇ ଶ୍ରଦ୍ଧାଳୁ ଭିତରକୁ ଯାଇଥିଲେ। ତେବେ ଦିନତମାମ୍ ଦର୍ଶନ ପାଇଁ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା।



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଶ୍ରୀଜୀଉଙ୍କୁ ଦର୍ଶନ କରି ଫେରୁଛନ୍ତି

## ସ୍ମରଣିକା 'ଶୂନ୍ୟରେ ସୁନୀଲ' ଲୋକାର୍ପିତ

ପୁରୀ,୧୨ା୧୧(ସମିସ): ଗବେଷକ ସୁନୀଲ ରଥଙ୍କ ଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ଶ୍ରୀଗୁଣ୍ଡିଚା ଭକ୍ତ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପ୍ରଫେସର କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଫେସର ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଡ. ନରେଶ ଦାଶ, ପ୍ରଫେସର ଶରତ ସାହୁ, ମାନସ ରଞ୍ଜନ ମହାପାତ୍ର, ଡ. ଭାସ୍କର ମିଶ୍ର, ବୀରେନ୍ଦ୍ର ମହାନ୍ତି, ସଦାଶିବ ମିଶ୍ର, ଡ. ଶଙ୍କର୍ଷଣ ପ୍ରଧାନ, ଡ. ହରପ୍ରିୟା ଦାଶ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ବିପିନ ବିହାରୀ ଦଳାଇ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ସଭାରେ 'ଶୂନ୍ୟରେ ସୁନୀଲ' ଏକ ସ୍ମରଣିକା ଲୋକାର୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ମହାରଣା, ଜାନକୀ ବଲ୍ଲଭ ଦାଶ, ଲୋକନାଥ ମହାନ୍ତି, ରାଧାକାନ୍ତ ଦାସ, ଲିଙ୍ଗରାଜ ବିଶ୍ୱାଳ, ବଦ୍ରି ମିଶ୍ର, ରଚିତା ରାଉତରାୟ, ମିନତି ମିଶ୍ର, ମିନତି ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଦେବୀ, ଅଜୟ ପ୍ରଧାନ, ପ୍ରବାସିନୀ ମିଶ୍ର, ପୌର୍ଣ୍ଣମାସୀ ଦେବୀ ଓ ସମ୍ପର୍କୀୟଙ୍କ ସହ ଶତାଧିକ ସାହିତ୍ୟ ସଂସ୍କୃତିକୁ ଭଲ ପାଉଥିବା ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନାମ ଚନ୍ଦ୍ର ସାହୁ, ଶିବ ସୁନ୍ଦର ମିଶ୍ର, ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ।

## ଜାତୀୟ ମିଡିଆ ଫାଉଣ୍ଡେସନ୍ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୧୨ା୧୧(ସମିସ): ଭାରତବର୍ଷକୁ ଏକ ବିକାଶଶୀଳ ରାଷ୍ଟ୍ର ଭାବେ ଗଢି ତୋଳିବା ସହ ଜନଗଣଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସୁରକ୍ଷା ପ୍ରତି ସଂକଳ୍ପବଦ୍ଧ ହେବାକୁ କହିଛନ୍ତି ବିଶିଷ୍ଟ ସ୍ତମ୍ଭକାର ବଦ୍ରି ମିଶ୍ର। ଜାତୀୟ ମିଡ଼ିଆ ଫାଉଣ୍ଡେଶନ ପକ୍ଷରୁ ପୁରୀରେ ତିନିଦିନ ଧରି ଚାଲିଥିବା ମିଡ଼ିଆ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ମିଶ୍ରଙ୍କ ସହିତ ଅତିଥି ଭାବେ ନୂଆଦିଲ୍ଲୀର ବରିଷ୍ଠ ସାମ୍ବାଦିକ ଓମ୍ ପ୍ରକାଶ ଯାଦବ ଓ ଜାତୀୟ ସଭାପତି ରାଜେନ୍ଦ୍ର ଜୈନ ଯୋଗଦେଇ ଭାରତବର୍ଷର ବିଭିନ୍ନ ପ୍ରଦେଶର ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦୀର୍ଘ ୧୬ ବର୍ଷ ଧରି ପୁରୀରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ, ୯୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ସୃଷ୍ଟି ବିଶେଷକରି ସେମାନଙ୍କୁ ଶତ ପ୍ରତିଶତ କର୍ମସଂସ୍ଥାନ ଯୋଗାଇ ଦେଇଥିବା ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡ. ବାବୁଲା ବେହେରା ଓ ମଧୁସ୍ମିତା ରଥଙ୍କୁ ଜାତୀୟ ମିଡ଼ିଆ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଭାପତି ରଶ୍ମୀରଞ୍ଜନ ଦାଶ, ସାମ୍ବାଦିକ ରଞ୍ଜନ କୁମାର ସାହୁ, ଗଙ୍ଗା ନାରାୟଣ ନନ୍ଦ ଓ ଅନୀଲ ସାହୁ ପରିଚାଳନା କରିଥିଲେ।

### ପୁରୀ ଟିପିସିଓଡିଏଲ୍ ମୁଖିଆଙ୍କୁ ଆପ୍‌ର ପ୍ରଶ୍ନ

## ଗରିବଙ୍କୁ ଜୁଲମ୍ କରୁଛ, ନିଜ ବକେୟା ଦେଉନ କାହିଁକି?

ପୁରୀ,୧୨ା୧୧(ସମିସ)

ପୁଣି ବିଜୁଳି ବିଲ୍‌କୁ ନେଇ ବିଜେପି ଉପରେ ବର୍ଷିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏଥିସହ ପୁରୀ ଟିପିସିଓଡିଏଲ୍‌ର ମୁଖିଆ ନିଜେ ଲକ୍ଷାଧିକ ଟଙ୍କା ବିଜୁଳି ବିଲ୍ ବାକି ରଖିଥିବା ବେଳେ ଗରିବଙ୍କ ଉପରେ ଜୁଲମ୍ କରୁଥିବା ନେଇ ପ୍ରଶ୍ନ କରିଛି। ମଙ୍ଗଳବାର ଆପ୍ ପକ୍ଷରୁ ଭକ୍ତ ସାଲବେଗ ପୀଠରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଜେପିର ତୁଙ୍ଗ ନେତାମାନେ ଖୋଲାମଞ୍ଚରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ଦଳ କ୍ଷମତାକୁ ଆସିଲେ ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବେ ବୋଲି ହାତ ବାଡେଇ କହିଥିଲେ। ହେଲେ ଶାସନକୁ ଆସିବାର ୫ ମାସି ବିତିଗଲାଣି। କିନ୍ତୁ ଏ ଯାଏ ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। କିନ୍ତୁ ଏବେ ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରିବା ଆରମ୍ଭ କରିଦେଇଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ମାଗଣା ବିଜୁଳି ତ ଦେଲେ ନାହିଁ କିନ୍ତୁ ଟିପିସିଓଡିଏଲ୍‌ର ମନମାନୀ ବଢିଯାଇଛି। ଗରିବ ଲୋକଙ୍କ ଉପରେ ଜୁଲମ୍ କରୁଛି। ସ୍ମାର୍ଟ ମିଟର ଲଗାଇବା ଆରମ୍ଭ କରିଛନ୍ତି। ଏହି ମିଟର ଲଗାଇବାକୁ ପାଇଁ ୭ ହଜାର ଟଙ୍କା ନେବେ ବୋଲି ସୂଚନା ମିଳିଛି। ସେହିପରି ଗରିବ ଉପଭୋକ୍ତାଙ୍କର ଯଦି ଅଳ୍ପ କିଛି ବକେୟା ଟଙ୍କା ରହୁଛି ତେବେ ଘରେ ପଶି ଟିପିସିଓଡିଏଲ୍ କର୍ମଚାରୀମାନେ ବିଦ୍ୟୁତ୍ କାଟି ଦେଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ଟିପିସିଓଡିଏଲ୍ ମୁଖିଆ ସ୍ମୃତିରଞ୍ଜନ ସ୍ୱାଇଁଙ୍କର ବିଦ୍ୟୁତ୍ ବିଲ୍ ବକେୟା ୧ ଲକ୍ଷ ୯୨ ହଜାର ଟଙ୍କା ରହିଛି। ହେଲେ ସେ ଏହା ପଇଠ କରି ନ ଥିବାବେଳେ ଗରିବ ଲୋକଙ୍କ ଉପରେ କାହିଁକି ଜୁଲମ୍ କରାଯାଉଛି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଏହି ଅବସରରେ ଶ୍ରୀ ମହାନ୍ତି ସ୍ମାର୍ଟ ମିଟର ଲଗାଇବାକୁ ବନ୍ଦ କରାଯାଉ ବୋଲି ଦାବି କରିବା ସହ ତୁରନ୍ତ ବିଜେପି ସରକାର ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଓଡିଶାବାସୀଙ୍କୁ ପ୍ରଦାନ କରନ୍ତୁ ବୋଲି କହିଛନ୍ତି। ଏତଦ୍‌ବ୍ୟତୀତ ଟିପିସିଓଡିଏଲ୍ ମୁଖିଆ ତାଙ୍କ ବିଦ୍ୟୁତ୍ ବକେୟା ଆଗ ପରିଶୋଧ କରନ୍ତୁ ବୋଲି ଆପ୍ କହିଛି। ଏ ସଂକ୍ରାନ୍ତରେ ଟିପିସିଓଡିଏଲ୍ ମୁଖ୍ୟ ଶ୍ରୀ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

**ସ୍ମାର୍ଟ ମିଟର ଲଗାଇବା ବନ୍ଦ କର**

### ■ ଡକାୟତି ଯୋଜନା ପଣ୍ଡ

## ୫ ଗିରଫ: ଛୁରି, ଖଣ୍ଡା ଓ ରଡ୍ ଜବତ

ପୁରୀ,୧୨ା୧୧(ସମିସ): ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଚାନକ ଚଢଉ କରି ୫ ଜଣଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋରାକବର ଲେନ୍‌ର କାର୍ତ୍ତିକ ଜାଲି, ରାମ ମନ୍ଦିର ଛକର ଦିପୁ ଦାସ, ପେଣ୍ଠକଟା ଧୋବାଖାଲର ରାମଚନ୍ଦ୍ର ନାୟକ, ବଳିଆପଣ୍ଡା ନାଳି ଫିଲ୍ଡ ଶିବଶକ୍ତି ସାହିର ସୁବାଶିଷ ତ୍ରିପାଠୀ ଓ ମଙ୍ଗଳା ସାହିର ବୁଦ୍ଧିଆ ନାୟକ। ସେମାନଙ୍କଠାରୁ ପୁଲିସ ଖଣ୍ଡା, ଲୁହାରଡ଼, ଛୁରୀ, ଲଙ୍କା ଗୁଣ୍ଡ, ଦୁଇଟି ଖାଲି ବିଅର ବୋତଲ ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ପେଣ୍ଠକଟାସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ବାଳକ ହଷ୍ଟେଲ ଗ୍ରାଉଣ୍ଡରେ ୪/୫ ଜଣ ଯୁବକ ବସି ଡକାୟତି ଯୋଜନା କରୁଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଏହାପରେ ପୁଲିସ କର୍ମଚାରୀମାନେ ଅଚାନକ ସେଠାରେ ଚଢଉ କରିଥିଲେ। ଉପରୋକ୍ତ ୫ ଜଣଙ୍କୁ କାବୁ କରିବା ସହ ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

## ୧୦ ଗ୍ରାମ ବ୍ରାଉନସୁଗର ଜବତ; ଯୁବକ ଗିରଫ

ପୁରୀ,୧୨ା୧୧(ସମିସ): ବାରବାଟୀ ପାର୍କିଂ ନିକଟରେ ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କୁମ୍ଭାରପଡା ଥାନା ଅଧୀନ ରାମଚଣ୍ଡୀ ସାହିର ବାବୁ ଦାସ। ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ୪୫ରେ ବାବୁ ବାରବାଟୀ ପାର୍କିଂ ନିକଟରେ ବ୍ରାଉନସୁଗର ବିକ୍ରି କରୁଥିବା ଖବର ପାଇ ଟାଉନ ଥାନା ପୁଲିସ ସେଠାରେ ଚଢଉ କରି ବାବୁକୁ କାବୁ କରିଥିଲା। ତା' ନିକଟରୁ ୧୦.୬୦ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଛି।

## ବିଶ୍ୱ ନିମୋନିଆ ଦିବସ ପାଳିତ

ପୁରୀ,୧୨ା୧୧(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ କ୍ୟାନୋପିକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ ଉଦ୍‌ଘାଟନ କରିଥିଲେ। ନିମୋନିଆ ରୋଗର ସଚେତନତା ସୃଷ୍ଟି କରିବା ପାଇଁ ଆଜିଠାରୁ ସାନ୍ସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ନିମୋନିଆ ହେଉଛି ଶିଶୁ ମୃତ୍ୟୁର ଏକ ପ୍ରମୁଖ କାରଣ। ଶିଶୁର ପିତାମାତାଙ୍କୁ ନିମୋନିଆ ରୋଗ ଉପରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ମମତା ଦିବସରେ ଓ ଗୃହ ପରିଦର୍ଶନ ସମୟରେ ଶିଶୁ ମାନଙ୍କର ପିତାମାତା ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ନିମୋନିଆ ରୋଗର ଲକ୍ଷଣ ଓ ତା'ର ପ୍ରତିକାର ଉପରେ ସଚେତନ କରାଇବେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପବିତ୍ର ମୋହନ ମଲ୍ଲିକ, ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ, ରବୀନ୍ଦ୍ର କୁମାର ପ୍ରଧାନ, ଟି. ନାରାୟଣ ରାଓ, ବିଜୟ କୁମାର ନାୟକ, ବେଣୁଧର ନାୟକ, ଅନମୋଲ ମହାନ୍ତି, ପୁଷ୍ପଲତା ବେହେରା ଓ ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



### ପଞ୍ଚୁକ ମହୋତ୍ସବ ଉଦ୍‌ଘାଟିତ

## ନୃତ୍ୟ, ଗୀତରେ କମ୍ପିଲା ବଡ଼ଦାଣ୍ଡ

ପୁରୀ,୧୨ା୧୧(ସମିସ)




ଭଗବାନ ବିଷ୍ଣୁଙ୍କର ସବୁଠୁ ପ୍ରିୟ ମାସ ହେଉଛି କାର୍ତ୍ତିକ। ଏ ମାସର ଭାବର ଦେବତା ହେଉଛନ୍ତି ଦାମୋଦର। କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନର ମହତ୍ତ୍ୱ ସର୍ବାଧିକ। ପଞ୍ଚକ ପାଞ୍ଚଦିନ ନିଷ୍ଠାର ସହ ବ୍ରତ ପାଳନ କଲେ ଅଜସ୍ର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଅନାଦି କାଳରୁ ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ପାଳନର ମାହାତ୍ମ୍ୟ ରହିଛି ବୋଲି ମଙ୍ଗଳବାର ବଡଦାଣ୍ଡସ୍ଥିତ ମାଉସୀ ମା'ଙ୍କ ମନ୍ଦିର ସମ୍ମୁଖରେ ନବମ ପଞ୍ଚକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ପଞ୍ଚକ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଉଦ୍‌ଘାଟନ କରି କହିଥିଲେ ଯେ ଧର୍ମମାସ କାର୍ତ୍ତିକରେ ଏଭଳି ଧାର୍ମିକ କାର୍ଯ୍ୟକ୍ରମ ଦ୍ୱାରା ଆଧାତ୍ମିକ ପରିବେଶ ସୃଷ୍ଟି ହେବ। ସମ୍ମାନିତ ଅତିଥି ଭାବେ କଥାକାର ବଦ୍ରି ମିଶ୍ର, ଶ୍ରୀମନ୍ଦିରର ବରିଷ୍ଠ ଅଙ୍ଗଲାଗି ସେବକ ନବକିଶୋର ପତି ମହାପାତ୍ର, ଆଇନଜୀବୀ ପ୍ରସନ୍ନ ମିଶ୍ର କାର୍ତ୍ତିକ ମାସ ପଞ୍ଚକର ମାହାତ୍ମ୍ୟ ବିଷୟରେ କହିଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସତ୍ୟନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଞ୍ଚକ ମହୋତ୍ସବ କମିଟି ସଭାପତି ଜଗନ୍ନାଥ ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦୋରା କାର୍ଯ୍ୟକ୍ରମ ପରିଚାଳନା ସହ ସଂଯୋଜନା କରିଥିଲେ। ମହୋତ୍ସବ ଅଭ୍ୟର୍ଥନା କମିଟିର ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, କାର୍ଯ୍ୟକାରୀ ସଭାପତି ବିରେନ୍ଦ୍ର ଶାସ୍ତ୍ରୀ, କୋଷାଧ୍ୟକ୍ଷ ଗୋପୀନାଥ ମହାନ୍ତି ଉପସ୍ଥିତ ଥିଲେ। ମାଉସୀମାଙ୍କ ବରିଷ୍ଠ ସେବାୟତ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସଭାପର୍ବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ରାଧାମୋହନ ସଂକୀର୍ତ୍ତନ ଦଳ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପୁରୀ ଲିଙ୍ଗରାଜ କଳା ନିକେତନର ଆନ୍ତର୍ଜାତୀୟ ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମରେ ବିନ୍ଧ୍ୟବାସିନୀ, ଦଶାବତାର, ଶିବସ୍ତୁତି, ସ୍ଥାୟୀ, ଶାନ୍ତାକାରାମ ନୃତ୍ୟ ସହ କାହିଁ ଗଲେ ଗୁରୁବ୍ରହ୍ମା ପରିବେଷଣ କରାଯାଇଥିଲା। ଏହା ସହ ଆଦିବାସୀ ନୃତ୍ୟ କୁଇ, ସମ୍ବଲପୁରୀ ଲୋକ ନୃତ୍ୟ, ଡାଲଖାଇ ଭଜନନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟଶିଳ୍ପୀ ଭାବେ ସିପ୍ରା ମିଶ୍ର, ଅର୍ଚ୍ଚନା ସାହୁ, ସୁପ୍ରିୟା ପଲେଇ, ମମତା ଭୋଇ, ଶୁଭସ୍ମିତା ବଳ, କାଲୁ ଚରଣ ବରାଳ, ଭାଗ୍ୟଲକ୍ଷ୍ମୀ ଜେନା ଓ ବଳରାମ ସେଠୀ ଅଂଶଗ୍ରହଣ କରିଥିଲେ। ଲିଙ୍ଗରାଜ କଳା ନିକେତନର ସମ୍ପାଦକ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରବକ୍ତା ନିର୍ମଳା ଫତେସିଂ ହରିକଥା ପ୍ରବଚନ ଶ୍ରୋତାମାନଙ୍କୁ ଶ୍ରବଣ କରାଇଥିଲେ। ଉଦ୍‌ଘୋଷକ ଭାବେ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ଅଭିମନ୍ୟୁ କାନୁନଗୋ ମଞ୍ଚ ସଞ୍ଚାଳନ କରିଥିଲେ।

## ଡିସେମ୍ବରରେ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ପ୍ରତିଯୋଗିତା



ପୁରୀ,୧୨ା୧୧(ସମିସ): ଓଡ଼ିଶା ଥ୍ରୋ ବଲ୍ ଆସୋସିଏସନ ତରଫରୁ ରାଜ୍ୟ ସଭାପତି ଭୂପିନ୍ଦର ସିଂଙ୍କ ତତ୍ତ୍ୱାବଧାନରେ ସୋମବାର ଝାଡେଶ୍ୱରୀ କ୍ଲବରେ ଅନୁଷ୍ଠିତ ସଭାରେ ସମସ୍ତ ଜିଲ୍ଲା ସଂଘର ସମ୍ପାଦକ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ୬, ୭ ଓ ୮ ତିନି ଦିନ ଧରି ରାଜ୍ୟସ୍ତରୀୟ ମ୍ୟାଚ୍ ଝାଡେଶ୍ୱରୀ କ୍ଲବ ପରିସରରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରତିଯୋଗିତାରେ ୫୫୦ ଜଣ ପ୍ରତିଯୋଗୀ ଭାଗ ନେବେ। ସେମାନଙ୍କର ରହିବା, ଖାଇବା ସାଙ୍ଗକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

## ଶ୍ରୀରଘୁନାଥ ଜୀଉଙ୍କ ଗଜଉଦ୍ଧାରଣ ବେଶ



ଓଡ଼ଗାଁ,୧୨।୧୧(ସମିସ) : ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ବିଜେ ଶ୍ରୀ ଶ୍ରୀ ରଘୁନାଥ ଜିଉଙ୍କ ପବିତ୍ର କାର୍ତ୍ତିକ ମାସ ବଡ ଏକାଦଶୀ ଅବସରରେ ପଞ୍ଚୁକର ପ୍ରଥମ ଦିବସରେ ପ୍ରଭୁଙ୍କ ମନଲୋଭା ଗଜଉଦ୍ଧାରଣ ବେଶ ଶ୍ରଦ୍ଧାଳୁମାନଙ୍କ ମନରେ ଆନନ୍ଦ ଭରି ଦେଇଥିଲା । ପାଳିଆ ପଣ୍ଡାଙ୍କ ଦ୍ୱାରା ଶ୍ରୀଜିଉଙ୍କୁ ଗଜଉଦ୍ଧାରଣ ବେଶରେ ସଜ୍ଜିତ କରାଯିବା ପରେ ସନ୍ଧ୍ୟାରେ ଦ୍ୱାର ଫିଟା ହୋଇଥିଲା । ଜଳ, ଚନ୍ଦନ, ତୁଳସୀ, ଫୁଲମାଳ ଓ ସନ୍ଧ୍ୟାଭୋଗ ଲାଗି କରାଯାଇ କର୍ପୁର ଆଳତୀ, ବନ୍ଦାପନା, ମହାଆଳତୀ, ଆଳଟ, ଚାମର, ସେବା ଲାଗି କରାଯାଇଥିଲା । ଆଜି ବଡ଼ ଏକାଦଶୀ ତିଥି ଅବସରରେ ଏକାଦଶୀ ବେଢ଼ା ଓ ନୀତି ପାଳିତ ହୋଇଥିଲା । ଏଥିସହିତ ଆଜିଠାରୁ ବିବାହ, ବ୍ରତାଦୀ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥାଏ। ପାଳିଆ ପଣ୍ଡା କେଦାର ମହାପାତ୍ର, ପୂଜକ ପରିଷଦ ଓ ସୁଆର ସେବକ ପରିଷଦ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କ ସହିତ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଶୃଙ୍ଖଳାର ସହିତ ସମସ୍ତ ନୀତି କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

● ଲଡୁବାବାଙ୍କ ପୀଠରେ ପଞ୍ଚକ ଯାତ୍ରା ଆରମ୍ଭ

## ଗଜଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ଶରଣକୁଳ,୧୨।୧୧(ସମିସ): ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ କାର୍ତ୍ତିକମାସ ବଡ଼ ଏକାଦଶୀଠାରୁ ପଞ୍ଚକଯାତ୍ରା ଆରମ୍ଭ ହୋଇଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳବାର ଗଜଉଦ୍ଧାରଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ସକାଳର ସମସ୍ତ ଦେବନୀତି ସମାପନ ପରେ ମନ୍ଦିର ପୂଜାପଣ୍ଡା ମାନେ ଠାକୁରଙ୍କୁ ପାରମ୍ପରିକ ରୀତିରେ ଗଜଉଦ୍ଧାରଣ ବେଶରେ ସଜାଇ ଥିଲେ । ସନ୍ଧ୍ୟା ଆଳତୀ ପରେ ଭକ୍ତ ମାନଙ୍କ ଦର୍ଶନ ପାଇଁ ଦୁଆର ଖୋଲା ହୋଇଥିଲା । ସନ୍ଧ୍ୟା ୬ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନପାଇଁ ବହୁ ଭକ୍ତ ସମାଗମ ହୋଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

## ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ



ଖଣ୍ଡପଡ଼ା,୧୨।୧୧(ସମିସ): ପବିତ୍ର କାର୍ତ୍ତିକ ମାସ ପଞ୍ଚକ ତିଥିରେ ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ରାଜବାଟିସ୍ଥିତ ଶ୍ରୀପତିତପାବନ ମହାପ୍ରଭୁ ମଙ୍ଗଳବାର ଲକ୍ଷ୍ମୀନାରାୟଣ ବେଶ ଧାରଣ କରିଥିଲେ। ସନ୍ଧ୍ୟା ସମୟରେ ଖଣ୍ଡପଡ଼ା ସମେତ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ଏହି ଦିବ୍ୟ ଦର୍ଶନ ପାଇବାର କୃପାଲାଭ କରିଥିଲେ। ରାଜ ପରିବାର ପକ୍ଷରୁ ଶତାଧିକ ବର୍ଷ ଧରି ପୂଜା ପାଇ ଆସୁଥିବା ପ୍ରଭୁ ପତିତପାବନ ପୁରାଣ ଅନୁସାରେ ଦୈନିକ ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ସେହିପରି କଣ୍ଟିଲୋ ଶ୍ରୀ ନୀଳମାଧବଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଅନ୍ୟ ପୀଠ ଗୁଡିକ ମଧ୍ୟରେ ଗୋକୁଳାନନ୍ଦଜୀଉ, ମର୍ଦ୍ଦାରାଜପୁର ମୁଣ୍ଡିଆ ହନୁମାନ ପୀଠ, ଖଳିସାହି ଜଗନ୍ନାଥ ମନ୍ଦିର ଆଦି ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଚମ୍ପତିପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

● ସଭ୍ୟାଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ
● ବିରୋଧରେ ଗଲେ ହାଣିଦେବାକୁ ଧମକ
● ଚାରି ଦିନ ତଳେ ଘର ସିଲ୍ କରିଥିଲା ବ୍ୟାଙ୍କ



ନୟାଗଡ଼,୧୨।୧୧(ସମିସ)

ନୟାଗଡ଼ ସଦର ବ୍ଲକ ଚମ୍ପତିପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଅମର ପ୍ରସାଦ ସାଥୁଆଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ଉକ୍ତ ପଞ୍ଚାୟତର ୱାର୍ଡ଼ ସଭ୍ୟ ସଭ୍ୟା। ବିଜେପି ସମର୍ଥନରେ ବିଜୟୀ ହୋଇଥିବା ସରପଞ୍ଚ ଶ୍ରୀଯୁକ୍ତ ସାଥୁଆ ୩ ବର୍ଷ କାର୍ଯ୍ୟକାଳ ଭିତରେ କୌଣସି ବିକାଶମୂଳକ କାର୍ଯ୍ୟ କରୁନଥିବା ଏବଂ ସାଧାରଣ ଲୋକଙ୍କୁ ମଦ୍ୟପାନ କରି ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏପରିକି ପଞ୍ଚାୟତ ବୈଠକରେ ମହିଳା ସଭ୍ୟାଙ୍କୁ ଗାଳି କରୁଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି । ଏନେଇ ପଞ୍ଚାୟତ ୯ ଜଣ ସଭ୍ୟସଭ୍ୟା ବୈଠକ କରି ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ଆଜି ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ଭେଟି ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଛନ୍ତି । ଅନ୍ୟପକ୍ଷେ, ଅନାସ୍ଥା ଆସୁଥିବା ଜାଣିପାରି ଗତକାଲି ରାତିରେ ଜଣେ ମହିଳା ସଭ୍ୟାଙ୍କୁ ସରପଞ୍ଚ ଧମକ ଦେଇଥିବା ସେ ଗଣମାଧ୍ୟମ ସାମ୍ନାରେ ଅଭିଯୋଗ କରିଛନ୍ତି । ମୋ ବିରୁଦ୍ଧରେ ଗଲେ ହାଣି ଟିକଟିକ କରି ଦେବି ବୋଲି ସରପଞ୍ଚ ଫୋନ୍ ମାଧ୍ୟମରେ ଧମକ ଦେଇଥିବା ମହିଳା ସଭ୍ୟା ଅଭିଯୋଗ କରିଛନ୍ତି। ତୁରନ୍ତ ସରପଞ୍ଚଙ୍କୁ ଗାଦିଚ୍ୟୁତ୍ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ, ଗତ ୯ ତାରିଖ ଦିନ ସିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶରେ ପୁଲିସ ସରପଞ୍ଚଙ୍କ ଘର ସିଲ୍ କରିଛି। ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ଋଣ କରି ଶୁଝୁନଥିବା ନେଇ ମାମଲାରେ କୋର୍ଟ ଘର ସିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଘର ସିଲ୍ ହୋଇଥିବା ବେଳେ ଆଜି ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଆସିବା ରୋଚକ ସ୍ଥିତି ସୃଷ୍ଟି କରିଛି। ଆଜି ଅନାସ୍ଥା ପ୍ରସ୍ତାବ ମିଳିଥିବା ଏବଂ ଆଇନ ଅନୁସାରେ ଯାହା ପଦକ୍ଷେପ ନିଆଯିବ ବୋଲି ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଗଣମାଧ୍ୟମକୁ କହିଛନ୍ତି ।

## କୁରାଳ ନିଶା ବେପାରୀଙ୍କ ଆଗରେ ମୁଣ୍ଡ ନୁଆଁଇଛି ପ୍ରଶାସନ

ନୟାଗଡ଼,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ଗ୍ରାମ ମନ୍ଦିର ମାଳୀନ ଗାଁ ଭାବେ ପରିଚିତ। ଏହି ଗାଁରେ ୮ ହଜାର ଲୋକ ବସବାସ କରୁଛନ୍ତି। ଏହି ଗାଁରେ ୨୦ରୁ ଊର୍ଦ୍ଧ୍ୱ ସାହି ରହିଛି। ଅନେକ କିମ୍ବଦନ୍ତୀ ପୂର୍ଣ୍ଣ ମନ୍ଦିର ଗାଁରେ ରହିଥିବା ବେଳେ କୁରାଳର ଏକ ସ୍ୱତନ୍ତ୍ର ଖ୍ୟାତି ରହିଛି। ଭାଇଚାରରେ ପରିପୂର୍ଣ୍ଣ ଏହି ଅଞ୍ଚଳକୁ ଏବେ ବେଆଇନ ଜୁଆଖେଳ ଏବଂ ଗଞ୍ଜେଇ କାରବାର କଳୁଷିତ କରିବାକୁ ବସିଛି। ଦିନକୁ ଦିନ ବେଆଇନ ଗଞ୍ଜେଇ ଓ ମଦ କାରବାର ବୃଦ୍ଧି ପାଇବା ସହ ଅଶାନ୍ତି ବୃଦ୍ଧି ପାଉଥିବା ଦେଖାଯାଇଛି । ଗାଁ ପରିବେଶକୁ ନିଶା ବିନାଶ କରୁଥିବା ବେଳେ ବାରମ୍ବାର ଗଣ୍ଡଗୋଳ ଓ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏନେଇ ଓଡ଼ଗାଁ ପୁଲିସକୁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନାହିଁ। ଗତକାଲି ସ୍ଥାନୀୟ ସରପଞ୍ଚ ବିଜନ କୁମାର ପାଇକରାୟ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ପରେ ଘଟଣାର ଗୁରୁତ୍ୱ କେତେ ତାହା ସାମ୍ନାକୁ ଆସିଛି । ପୁଲିସ ପ୍ରଶାସନ ନିଶା ବେପାରୀ ଆଗରେ ମୁଣ୍ଡ ନୁଆଁଇଥିବା ଆଲୋଚନା ହେଉଛି । ଦୀର୍ଘ ଦିନ ଧରି କୁରାଳ ଗ୍ରାମ ଗଡ଼ସାହିର ଜୈନିକ ବ୍ୟକ୍ତି ଗଞ୍ଜେଇ ବ୍ୟବସାୟ କରିବା ସହ ବାହାରକୁ ଚାଲାଣ କରୁଛନ୍ତି। ସେହିପରି କୁରାଳ-କୋମଣ୍ଡ ରାସ୍ତା ସୁବୁଦ୍ଧି ସାହି, ଗୋଲା ସାହି ଓ ନାଥିଆପଲ୍ଲୀ ତାରିଣୀ ଛକଠାରେ ସରକାରୀ ଜାଗାରେ ଦୁଇଟି ଫାଷ୍ଟଫୁଡ଼ ଦୋକାନ ଖୋଲାଯାଇ ବେଧଡ଼କ ବେଆଇନ ମଦ ଓ ଗଞ୍ଜେଇ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ତାରିଣୀ ଛକକୁ ଲାଗି ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ ଥିଲେ ସୁଦ୍ଧା ଏହାକୁ ମାଫିଆମାନେ ଖାତିର କରୁ ନାହାନ୍ତି। ଫଳରେ ଦିନ ଦ୍ୱିପ୍ରହରରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ସହ କୁରାଳ ଅଞ୍ଚଳରେ ଚୋରି, ରାହାଜାନୀ ବଢୁଛି। କୁରାଳ ଓ ନିକଟବର୍ତ୍ତୀ ମାତ୍ରାଧିକ ସ୍ଥାନରେ ଜୁଆଖେଳ ଚାଲିଥିବା ନେଇ ଗାଁର କିଛି ବ୍ୟକ୍ତି ନୟାଗଡ଼ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ ପଠାଇଥିବା ସୂଚନା ମିଳିଛି । ଏହି ଜୁଆଆଡ୍ଡା ଗୁଡ଼ିକରୁ ମାସିକ ଚାନ୍ଦା ନେଇ ସୁଯୋଗ ସୃଷ୍ଟି କରାଯାଉଛି। କୁରାଳ ଚଣ୍ଡୀଛକରେ ଏକ ବିଟ ହାଉସ ହାଉସ ଥିଲେ ତାହା କେବଳ ନାମମାତ୍ରରେ ପରିଣତ ହୋଇଛି। ସବୁ ଜାଣି ନଜାଣିବାର ଅଭିନୟ କରାଯାଉଛି। ସନ୍ଧ୍ୟା ହେଲା ଗ୍ରାମବାସୀ ନିଜକୁ ଅସୁରକ୍ଷିତ ମନେ କରିବା ସହ ଟାଟି କବାଟ ଦେଇ ଘରେ ରହୁଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ରାଜନେତା ମଧ୍ୟ ନିଜକୁ ଅସହାୟ ମନେ କରୁଛନ୍ତି। ବାରମ୍ବାର ପୁଲିସକୁ ଅଭିଯୋଗ କଲେ ସୁଦ୍ଧା ପୁଲିସ ନାମମାତ୍ରକୁ ଚଢ଼ାଉ କରି କାମ ଶେଷ କରି ଦେଉଛି। ଫଳରେ ଯଥା ପୂର୍ବଂ ତଥା ପରଂ ନୀତିରେ କାର୍ଯ୍ୟ ଚାଲୁ ରଖୁଛି। ଏହାକୁ ନେଇ ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏହା ଗାଁ ତଥା ଅଞ୍ଚଳ ପାଇଁ ଆଦୌ ଶୁଭଙ୍କର ନୁହେଁ। ମାଫିଆଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନିଶା କାରବାର ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

## ଦେଶୀମଦ ବୋଝେଇ କାର୍ ଜବତ; ଦୁଇ ଗିରଫ



ରଣପୁର,୧୨।୧୧(ସମିସ): ରଣପୁର ଅବକାରୀ ଅଧିକାରୀ ଅର୍ପିତା ସାହୁଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ମିଳିତ ଚଢ଼ଉ କରି ଏକ ଦେଶୀ ମଦ ବୋଝେଇ କାର ଜବତ କରିଛନ୍ତି। ଉକ୍ତ ଗାଡ଼ିରୁ ୫୦୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଦ୍ୱୟ ହେଲେ ଢେଙ୍କାନାଳ ଜିଲ୍ଲା କାମଧେନୁକୋଟ ଗ୍ରାମର ଅଶୋକ ପ୍ରଧାନ (୨୬) ଏବଂ ଗଣେଶ ପ୍ରଧାନ (୨୩)। ମଙ୍ଗଳବାର ଢେଙ୍କାନାଳରୁ ରଣପୁର ଅଭିମୁଖେ ଆସୁଥିବା ଓଡ଼ି୦୫ଜେ-୧୮୮୧ ନମ୍ବର କାରରେ ଚୋରା ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ କୋଟଗଡ଼ ଠାରେ ଉକ୍ତ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ରଣପୁର ଅଞ୍ଚଳରେ ଅବାଧରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ହେଉଥିବା ନେଇ ପୂର୍ବରୁ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଆସୁଛି।

● ଜିଲ୍ଲାରେ ଆଣ୍ଠେଇଛି ମନରେଗା

## ଅନୁମୋଦନ ଅପେକ୍ଷାରେ ହଜାରେରୁ ଊର୍ଦ୍ଧ୍ୱ ପ୍ରକଳ୍ପ

ନୟାଗଡ଼,୧୨।୧୧(ସମିସ): ନୟାଗଡ଼ ଜିଲ୍ଲାରେ ବିଗତ ବର୍ଷମାନଙ୍କରେ ମନରେଗା କାର୍ଯ୍ୟ କରି ସାରା ରାଜ୍ୟରେ ନଜରକୁ ଆସିଥିବା ବେଳେ ଏବେ କିନ୍ତୁ ଆଦୌ କାମ ହେଉନଥିବା ଦେଖାଯାଇଛି। ଶ୍ରମିକ କଲ୍ୟାଣ ପାଇଁ କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଶ୍ରମିକ କଲ୍ୟାଣ ବଦଳରେ ବଳି ପଡ଼ିଛି। କାମ ନଥିବା କାରଣରୁ ଜିଲ୍ଲାର ଶ୍ରମିକମାନେ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ନୟାଗଡ଼ ଜିଲ୍ଲାରେ ୮ଟି ବ୍ଲକ ଏବଂ ୧୯୪ ପଞ୍ଚାୟତ ରହିଛି। ତା ସହିତ ବନବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ମନରେଗା ଯୋଜନାରେ କାର୍ଯ୍ୟ କରି ଆସୁଛି। ବିଗତ କିଛିମାସ ହେବ ନୟାଗଡ଼ ଜିଲ୍ଲାରେ ପଞ୍ଚାୟତ ଓ ବ୍ଲକସ୍ତରରୁ ଜିଲ୍ଲା ପରିଷଦକୁ ଆପ୍ରୁଭାଲ ପାଇଁ ପଠାଯାଉଥିବା ପ୍ରକଳ୍ପ ଫାଇଲ ଅନୁମୋଦନ ହେଉନଥିବା ଅଭିଯୋଗ ହେଉଛି । ନୟାଗଡ଼ ଜିଲ୍ଲାରେ ବିଭିନ୍ନ ପଞ୍ଚାୟତ ହଜାରେରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଅନୁମୋଦିତ ନହୋଇ ପଡ଼ି ରହିଛି। ଯେଉଁଥିପାଇଁ ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ହୋଇପାରୁନଥିବା ବେଳେ ଶ୍ରମିକମାନେ କାମ ନପାଇ ହତୋତ୍ସାହିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏହି ଫାଇଲକୁ ଆପ୍ରୁଭାଲ କରି ଜିଲ୍ଲାପାଳଙ୍କ ଦ୍ୱାରା ଆର୍ଥିକ ଅନୁମୋଦନ କରିବାର ଆବଶ୍ୟକତା ରହିଛି। ମାତ୍ର ଜିଲ୍ଲା ପରିଷଦରେ ଏହାକୁ ଚପାଇ ରଖାଯାଇଛି । ନୟାଗଡ଼ ଜିଲ୍ଲାପାଳ ଏହା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

● ଭାଗ୍ୟ ବଦଳାଇଛି ଫତେଗଡ଼ ରାମ ମନ୍ଦିର

## ଆସୁଛନ୍ତି ପର୍ଯ୍ୟଟକ; ବଢ଼ିଛି ବ୍ୟବସାୟ

ଭାପୁର,୧୨।୧୧(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ବଡ ମୁଣ୍ଡିଆ ପାହାଡ଼ ଉପରେ ପ୍ରତିଷ୍ଠିତ ହୋଇଛି ସୁନ୍ଦର ରାମମନ୍ଦିର। ବଉଳମାଳା ପଥରରେ ନିର୍ମିତ ଏହି ଅନନ୍ୟ ମନ୍ଦିର ବର୍ତ୍ତମାନ ସମୟରେ ନିର୍ମିତ ସବୁଠାରୁ ସୁନ୍ଦର ମନ୍ଦିର କୁହାଯାଉଛି। ଏହାର ପ୍ରାକୃତିକ ପରିବେଶ, ମନ୍ଦିର ଓ ମନଲୋଭା ରାମଲାଲାଙ୍କ ମୂର୍ତ୍ତି ଭକ୍ତଙ୍କୁ ବିମୁଗ୍ଧ କରୁଛି। ଏହି ମନ୍ଦିର ଫତେଗଡ, ଭାପୁର ସହ ଜିଲ୍ଲାକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଏହି ମନ୍ଦିର ଅଞ୍ଚଳର ଅନେକଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭାଗ୍ୟ ଓ ଭବିଷ୍ୟ ବଦଳେଇ ଦେଇଥିବା ଜଣାପଡିଛି। ସ୍ମରଣଯୋଗ୍ୟ ଯେ ଅଯୋଧ୍ୟାରେ ଯେଉଁ ଦିନ ରାମଲାଲାଙ୍କ ବହୁ ପ୍ରତିକ୍ଷିତ ରାମମନ୍ଦିର ପ୍ରତିଷ୍ଠା ହୋଇଥିଲା ଠିକ ସେହିଦିନ ଅଯୋଧ୍ୟା ଠାରୁ ଏକ ହଜାର କିଲୋମିଟର ଦୂରରେ ଓଡ଼ିଶାର ନୟାଗଡ଼ ଜିଲ୍ଲା ଫତେଗଡ ଠାରେ ରାମମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଏହି ମନ୍ଦିର ସାରାଦେଶରେ ମଧ୍ୟ ଚର୍ଚ୍ଚିତ ହୋଇଥିଲା। ବର୍ତ୍ତମାନ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଏଠାରେ ସମାଗମ ହେଉଛି। ଏହା ବର୍ତ୍ତମାନ ଜିଲ୍ଲା ନୁହେଁ ରାଜ୍ୟର ଅନ୍ୟତମ ମୁଖ୍ୟ ତୀର୍ଥକ୍ଷେତ୍ର ଭାବେ ପରିଗଣିତ ହେଉଛି। ଏହି ମନ୍ଦିର ପ୍ରତିଷ୍ଠା ପରେ ଫତେଗଡ ଗ୍ରାମର ଅନେକ ଯୁବକ ଏହି ମନ୍ଦିର ମାଧ୍ୟମରେ ପ୍ରତ୍ୟକ୍ଷ ରୋଜଗାର ପାଇବା ସହ ମନ୍ଦିର ପରିସରରେ ୩୦ରୁ ଊର୍ଦ୍ଧ୍ୱ ଦୋକାନ କରି ଭଲ ଦୁଇପଇସା ରୋଜଗାର କରୁଛନ୍ତି। ଏଠାରେ ପର୍ବ ପର୍ବାଣୀ ଓ ଛୁଟି ଦିନରେ ଦୁଇ ଚକିଆଠାରୁ ବଡ ବଡ ଗାଡି ଗୁଡିକ ପାର୍କିଙ୍ଗରେ ରହିବ। କୌଣସି ଗାଡି ପାହାଡ ଉପରକୁ ଛଡା ଯିବ ନାହିଁ। ମନ୍ଦିର ତରଫରୁ ୬ଟି ବସ କିଣାଯାଇ ସମସ୍ତଙ୍କୁ ଏହି ବସ ମାଧ୍ୟମରେ ପାହାଡ ଉପରକୁ ନେବାର ବ୍ୟବସ୍ଥା କରାଯିବ। ଏପରିକି ଏହି ମନ୍ଦିର ଯୋଗୁଁ ଫତେଗଡ, ଭାପୁର ଓ କଣ୍ଟିଲୋ



ଏପରି ଗହଳି ହେଉଛି ଯେ ପାହାଡ ଉପରେ ଗାଡି ପାର୍କିଂ କରିବା ଅସମ୍ଭବ ହୋଇପଡୁଛି। ଏହାକୁ ନଜରରେ ରଖି ମନ୍ଦିର ପରିଚାଳନା କମିଟି ପାହାଡ ପାଦଦେଶରେ ଗାଡି ପାର୍କିଙ୍ଗ ବ୍ୟବସ୍ଥା କରିବା ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ପାର୍କିଙ୍ଗରେ ବଜାରରେ ଥିବା ଦୋକାନୀଙ୍କ ମଧ୍ୟ ବେପାର ବଢିଯାଇଛି। ଅନେକ ଭକ୍ତ ଫତେଗଡ ରାମମନ୍ଦିର ଦର୍ଶନ କରିବା ପରେ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ବୁଲିଯାଉଛନ୍ତି। ଫଳରେ ନୀଳମାଧବ ମନ୍ଦିର ସହ ଅନ୍ୟ ମନ୍ଦିରରେ ମଧ୍ୟ ଗହଳି ବୃଦ୍ଧି ପାଇଛି।

## ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା; ହାସ୍ୟବ୍ୟଙ୍ଗରେ ଭିଜିଲେ ଦର୍ଶକ




ନୟାଗଡ଼,୧୨।୧୧(ସମିସ): ନୟାଗଡ଼ ପୁରୁଣା ସହରରେ ଅନୁଷ୍ଠିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା ବେଶ ଆକର୍ଷଣୀୟ ହୋଇଛି । ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବାନ୍ଧି ରଖିବା ପାଇଁ ଏହି ପ୍ରୟାସ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇଙ୍କ ସହ ସମସ୍ତ କାଉନସିଲର ଯୋଗ ଦେଇଥିଲେ । ଶିଳ୍ପୀକା ଡ୍ୟାନ୍ସ ଗ୍ରୁପ ଏବଂ ବ୍ୟଙ୍ଗ କଳାକାରଙ୍କ ଦ୍ୱାରା ସନ୍ଧ୍ୟା ବେଶ ଆକର୍ଷଣୀୟ ହୋଇଥିଲା। ବ୍ୟଙ୍ଗ କଳାକାର ଶ୍ରୀଯୁକ୍ତ ସତ୍ୟାନାଶ, ରବୀନ୍ଦ୍ର ରାଉତ, ବ୍ରଜ ସୁବୁଦ୍ଧି ପ୍ରମୁଖ ଦର୍ଶକଙ୍କୁ ବିମୋହିତ କରିଥିଲେ । କଳାକାରମାନେ ଅନେକ କଥାବସ୍ତୁକୁ ନେଇ ଦର୍ଶକଙ୍କୁ ହସାଇଥିଲେ।

ଭିତ୍ତିଭୂମି ସୁଦୃଢ଼ ସହ ହେବ ଉନ୍ନତୀକରଣ

# ଜିଲ୍ଲାରେ ୬୪ ପ୍ୟାକ୍ସର ହେବ ରୂପାନ୍ତରଣ

ନୟାଗଡ଼,୧୨।୧୧(ସମିସ)

ନୟାଗଡ଼ ଜିଲ୍ଲାରେ ୧୫୭ ପ୍ୟାକ୍ସ ରହିଛି । ନୂତନ ଭାବେ ଗଠନ ହୋଇଥିବା ସମବାୟ ସମିତି ଗୁଡ଼ିକ କାର୍ଯ୍ୟ ଆରମ୍ଭ କରି ନଥିବା ବେଳେ ୧୫୭ ପ୍ୟାକ୍ସ ମଧ୍ୟରୁ ୧୫୪ ପ୍ୟାକ୍ସରେ ଧାନ କିଣା ବ୍ୟବସ୍ଥା କରାଯାଉଛି । ନୟାଗଡ଼ ଜିଲ୍ଲାରେ କୃଷି ଓ କୃଷକର ଉନ୍ନତି ପାଇଁ ସମବାୟ ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ବେଳେ ସାର ବର୍ଣ୍ଟନ, ଧାନ କିଣା ସହ ଅନ୍ୟାନ କାର୍ଯ୍ୟ ସମିତି ମାଧ୍ୟମରେ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମବାୟ ସମିତିଗୁଡ଼ିକୁ ଆହୁରି ଲୋକାଭିମୂଖୀ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ବେଳେ ନୟାଗଡ଼ ଜିଲ୍ଲାରେ ପ୍ୟାକ୍ସଗୁଡ଼ିକ ଭିତ୍ତିଭୂମି ସୁଦୃଢ଼ କରିବାକୁ ଯୋଜନା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ଜିଲ୍ଲାର ୨୯ ସମବାୟ ସମିତି ପାଇଁ ୨୫ରୁ ୩୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ରାଶି ମିଳିଥିଲା । ୨୦୨୩-୨୪ ମସିହାର ଏହି ଅନୁଦାନ ଅର୍ଥକୁ ବିଭିନ୍ନ ବ୍ଲକ ମାଧ୍ୟମରେ କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାର ୩୫ ସମବାୟ ସମିତି ତଥା ପ୍ୟାକ୍ସ ଉନ୍ନତି ପାଇଁ ୫୦ ଲକ୍ଷରୁ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଆସିଥିବା ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ ନାରାୟଣ ନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗ ଅଧୀନରେ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

ପୂର୍ତ୍ତ ବିଭାଗ ଏଥିପାଇଁ ଟେଣ୍ଡର ଆହ୍ୱାନ କରିଛି। ଆସନ୍ତା ୬ ମାସ ମଧ୍ୟରେ ୬୪ ସମବାୟ ସମିତିର ରୂପରେଖ ପରିବର୍ତ୍ତନ ହେବ ବୋଲି ସୂଚନା ମିଳିଛି। ଏହି ଅର୍ଥରେ ଗୋଦାମ ଘର, ପାଚେରି, ଧାନ ପିଣ୍ଡି ପ୍ରଭୃତି ନିର୍ମାଣ କରାଯିବାକୁ ଯୋଜନା ରହିଥିବା ସୂଚନା ମିଳିଛି।

### ନୟାଗଡ଼ ଫେରିଲେ ଅପର୍ଣ୍ଣା, ବୌଦ୍ଧ ଗଲେ ଭାସ୍କର | ନିରଞ୍ଜନଙ୍କ ପାଳି କେବେ?

ନୟାଗଡ଼,୧୨।୧୧(ସମିସ): ନୟାଗଡ଼ ସମବାୟ ସମିତି ସମୂହରେ ନିଯୁକ୍ତି ଏସଏଆରସିଏସ୍ ଅପର୍ଣ୍ଣା ମଲ୍ଲିକ ଭୁବନେଶ୍ୱର ସମବାୟ ସମିତି ସମୂହ କାର୍ଯ୍ୟାଳୟରେ ଡେପୁଟେସନ୍‌ରେ କାର୍ଯ୍ୟ କରୁଥିଲେ। ତାଙ୍କର ଡେପୁଟେସନ୍‌କୁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ବାତିଲ କରିଥିବା ବେଳେ ପୁଣି ନୟାଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ନୟାଗଡ଼ ସମବାୟ ସମିତିରେ କାର୍ଯ୍ୟରତ ଏସଏଆର୍‌ସିଏସ୍ ଭାସ୍କର ପାଣିଗ୍ରାହୀଙ୍କର ବଦଳି ହୋଇଛି । ବୌଦ୍ଧ ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହିତ ନୟାଗଡ଼ ସମବାୟ ସମିତି ସମୂହରେ କାର୍ଯ୍ୟ କରୁଥିବା ଇନ୍ସପେକ୍ଟର ସୂର୍ଯ୍ୟନାରାୟଣ ବଳିଆରସିଂଙ୍କୁ ଜଟଣୀ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାବେ ବଦଳି କରାଯାଇଛି । ନୟାଗଡ଼ ସମବାୟ ସମିତି ସମୂହରୁ ହୋଇଥିବା ଏହି ଅଦଳ ବଦଳ ପ୍ରକ୍ରିୟାରୁ ବାଦ ପଡ଼ିଛନ୍ତି ଦୀର୍ଘଦିନ ଧରି ଗାଦି ମାଡ଼ି ବସିଥିବା ଏସ୍‌ଏଆର୍‌ସିଏସ୍ ନିରଞ୍ଜନ ପ୍ରଧାନ। ଦୀର୍ଘବର୍ଷ ଧରି ନୟାଗଡ଼ ଜିଲ୍ଲାରେ ଶ୍ରୀ ପ୍ରଧାନ କାର୍ଯ୍ୟ କରି ଆସୁଥିବା ବେଳେ କେବେ ତାଙ୍କ ବଦଳି ହେବ ବୋଲି ପ୍ରଶ୍ନ ଉଠିଛି। ସରକାରଙ୍କ ବଦଳି ନୀତି ବାହାରେ ସେ ରହିଛନ୍ତି କି ବୋଲି ଆଲୋଚନା ହେଉଛି। କେବେ ନିରଞ୍ଜନଙ୍କ ପାଳି ପଡ଼ିବ ବୋଲି ଅନେକ ସମବାୟ ସମିତି ସମ୍ପାଦକ ଓ କର୍ମଚାରୀ ଆଲୋଚନା କରୁଛନ୍ତି।

■ ନିର୍ବାଚନୀ ଅନିୟମିତତା ମାମଲା

## ହାଇକୋର୍ଟରେ ନୟାଗଡ଼ ବିଧାୟକଙ୍କ ଜବାବ ଦାଖଲ

କଟକ, ୧୨।୧୧(ସମିସ): ନୟାଗଡ଼ ବିଧାନସଭା ଆସନ ନିର୍ବାଚନୀ ମାମଲାରେ ଆଜି ପ୍ରତିପକ୍ଷ ବିଧାୟକ ଅରୁଣ ସାହୁ ହାଇକୋର୍ଟରେ ତାଙ୍କର ଲିଖିତ ଜବାବ ଦାଖଲ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖକୁ ଅଦାଲତ ଧାର୍ଯ୍ୟ କରିଛନ୍ତି। ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ପ୍ରତିପକ୍ଷ ବିଧାୟକ ଶ୍ରୀ ସାହୁଙ୍କ ତରଫରୁ ତାଙ୍କ ବିରୋଧରେ ରୁଜୁ ଏହି ନିର୍ବାଚନୀ ମକଦ୍ଦମାକୁ ରଦ୍ଦ କରିବା ପାଇଁ ତିନିଗୋଟି ଅନ୍ତରୀଣ ଆବେଦନ ରୁଜୁ ହୋଇଛି। ଏହା ଉପରେ ଆବେଦନକାରୀଙ୍କ ପକ୍ଷରୁ ଆପତ୍ତି ଦାଖଲ କରାଯିବ ଓ ପରବର୍ତ୍ତୀ ତାରିଖରେ ଶୁଣାଣି ହେବ। ପୂର୍ବରୁ ପକ୍ଷଭୁକ୍ତ ହେବା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ହେମନ୍ତ କୁମାର ପୃଷ୍ଟି ଏକ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଏହି ଆବେଦନ ଉପରେ ବିଜେପି ପ୍ରାର୍ଥୀ ତଥା ନିର୍ବାଚନୀ ମାମଲାର ଆବେଦନକାରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ତରଫରୁ ହାଇକୋର୍ଟରେ ଲିଖିତ ଆପତ୍ତି ଦାଖଲ କରାଯାଇଥିଲେ ମଧ୍ୟ ଏହାର ଶୁଣାଣି ହୋଇପାରିନାହିଁ। ସମସ୍ତ ଅନ୍ତରୀଣ ଆବେଦନ ଗୁଡିକ ଉପରେ ଆସନ୍ତା ୨୮ ତାରିଖରେ ଶୁଣାଣି କରାଯିବ। ମାମଲାରୁ ପ୍ରକାଶ ଯେ ବିଜେଡି ପ୍ରାର୍ଥୀ ଭାବେ ନୟାଗଡ଼ ଆସନରୁ ନିର୍ବାଚିତ ଅରୁଣ କୁମାର ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଏହି ମାମଲା ଦାୟର କରିଥିଲେ ପରାଜିତ ବିଜେପି ପ୍ରାର୍ଥୀ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୬ରୁ

**ଟାଙ୍ଗୀ,୧୨।୧୧(ସମିସ):** ଚିଲିକା ଷ୍ଟାଡିୟମରେ ହେବାକୁ ଯାଉଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁୟାରୀ ୬ରୁ ଆରମ୍ଭ ହୋଇ ୧୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସ୍ଥାନୀୟ ପ୍ରଭୁ ବଳରାମଦେବଙ୍କ ମନ୍ଦିର ପରିସରରେ ମଙ୍ଗଳବାର ଟାଙ୍ଗୀ ସରପଞ୍ଚ ତଥା ଟୁର୍ଣ୍ଣାମେଣ୍ଟର ସଭାପତି କିଶୋର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗି ଦଳ ସହ କମିଟି ଉପଦେଷ୍ଟା ବିଜୟ କୁମାର ରାଉତ, ବାଳକୃଷ୍ଣ ମିଶ୍ର, ପ୍ରଦୀପ ମହାପାତ୍ର, ନନ୍ଦକିଶୋର ସ୍ୱାଇଁ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିବା ବେଳେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ସ୍ଥିର କରାଯାଇଛି। ଏହି ବୈଠକରେ ଉପଦେଷ୍ଟା ତଥା ସମାଜସେବୀ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ନରେନ୍ଦ୍ର ମହାପାତ୍ର, ପ୍ରଣୟ ପ୍ରତୀକ ପଟ୍ଟନାୟକ, ସୁନିଲ ମହାନ୍ତି, ରଘୁନାଥ ସାହୁ, ପ୍ରଣବ ପାଇକରାୟ, କୃଷ୍ଣଚନ୍ଦ୍ର ସାହୁ, ମନୋଜ ପଟ୍ଟନାୟକ ଓ ଯୋଗୀ ରାଉତଙ୍କୁ ନେଇ ଏକ ୧୫ଜଣିଆ କମିଟି ଗଠିତ ହୋଇଛି।

● ରାଉତରାପୁର ଶ୍ରୀରାମଚରିତ ମାନସ

# ଧନୁ ଭଙ୍ଗ ଓ ଶ୍ରୀରାମଙ୍କ ବିବାହ ଉତ୍ସବ

**ନିରାକାରପୁର,୧୨।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ରାଉତରାପୁର ଶ୍ରୀ ମାନସ ପରିଷଦ ପକ୍ଷରୁ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣର ତୃତୀୟ ଦିବସରେ ଶିବ ଧନୁ ଭଙ୍ଗ ଓ ଶ୍ରୀ ରାମଚନ୍ଦ୍ରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ଉତ୍ସବ ପାଳନ କରିଥିଲେ। ବିବାହ ମଣ୍ଡପରେ ଘଣ୍ଟଘଣ୍ଟି ସହିତ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ପ୍ରକାଶ ଥାଉକି ଏଠାରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ୭ରୁ ଆରମ୍ଭ ହୋଇ ଆସନ୍ତା ୧୫ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମ ସମାପ୍ତି ହେବ। ଏହି ଅବସରରେ ଦୈନନ୍ଦିନ ସନ୍ଧ୍ୟାରେ ସୁନାମଧନ୍ୟ ପ୍ରବଚକମାନଙ୍କ ଦ୍ୱାରା ରାମ କଥା ପରିବେଷଣ କରାଯାଉଛି।

# ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି

**ନିରାକାରପୁର,୧୨।୧୧(ସମିସ):** ରାମେଶ୍ୱର ମନ୍ଦାକିନୀ ନଦୀରେ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୧୫ ତାରିଖରେ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦାକିନୀ ବୋଇତ ବନ୍ଦାଣ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଓ ସାଧାରଣ ସମ୍ପାଦକ ରମାକାନ୍ତ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ବୋଇତ ବନ୍ଦାଣ ସକାଳ ୯ଟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଢେ ୯ରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।

# ପଞ୍ଚୁକ ଅବସରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖୋର୍ଦ୍ଧା,୧୨।୧୧(ସମିସ):** ପଞ୍ଚୁକ ଅବସରରେ ଖୋର୍ଦ୍ଧା ପୌରାଞ୍ଚଳ ସ୍ଥିତ ବାବା ଧବଳେଶ୍ୱରଙ୍କ ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ପରିଲକ୍ଷିତ ହୋଇଛି। ଅନୁରୂପ ଭାବେ ଅତ୍ରି ହଟକେଶ୍ୱର ମନ୍ଦିର, ଗୋଡ଼ାଲୋକନାଥ, ସ୍ୱପ୍ନେଶ୍ୱର, ଲୋକନାଥ, ବାଲୁଙ୍କେଶ୍ୱର, ବାବା ପଶ୍ଚିମ ଶମ୍ଭୁ, ବୁଢ଼ା ସୋମନାଥଙ୍କ ମନ୍ଦିରରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଛି। ଶୃଙ୍ଖଳିତ ଦର୍ଶନ ଉପରେ ଧବଳେଶ୍ୱର ଟ୍ରଷ୍ଟ ଗୁରୁତ୍ୱାରୋପ କରିଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆଜି ପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନ କରିଛନ୍ତି। ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ନାମ ସଂକୀର୍ତ୍ତନ ଓ ପ୍ରବଚନ ସମେତ ବିଶ୍ୱଶାନ୍ତି ଯଜ୍ଞ ପ୍ରମୁଖ ଆୟୋଜିତ ହୋଇଥିବା ଜଣାଯାଇଛି।

# ପୁରୁଣା ଜାତୀୟ ରାଜପଥ ସଂପ୍ରସାରଣ ନେଇ ଜବରଦଖଲ ଉଚ୍ଛେଦ



**ଟାଙ୍ଗୀ/କାଲୁପଡ଼ାଘାଟ,୧୨।୧୧(ସମିସ):** କନ୍ଧନୟାଗଡ ବାଇପାସଠାରୁ ଟାଙ୍ଗୀ ୧୬ ନମ୍ବର ପୁରୁଣା ଜାତୀୟ ରାଜପଥ ସମ୍ପ୍ରସାରଣରେ ପ୍ରତିବନ୍ଧକ ହେଉଥିବା ରାସ୍ତାର ଉଭୟ ପାର୍ଶ୍ୱ ମଙ୍ଗଳବାର ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। କନ୍ଧନୟାଗଡ଼ ବାଇପାସ୍ ଠାରୁ ଟାଙ୍ଗୀ ବାଇପାସ୍ ପର୍ଯ୍ୟନ୍ତ ଦୀର୍ଘ ୪ କିଲୋମିଟର ୭୦୦ ମିଟର ଚାରି ଲେନ ବିଶିଷ୍ଟ ହେବ ବୋଲି ଗତ ଅଗଷ୍ଟ ୧୨ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ଏହି ରାସ୍ତା କାର୍ଯ୍ୟ ଜାନୁଆରୀ ମାସରେ ସରିବ ବୋଲି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାସ୍ତା କାର୍ଯ୍ୟରେ ପ୍ରତିବନ୍ଧକ ଦେଖା ଦେଇଥିଲା। ଚାନ୍ଦପୁର ରାସ୍ତାର ଉଭୟ ପାଶ୍ୱର୍ରେ ଦୀର୍ଘ ବର୍ଷ ଧରି ସ୍ଥାୟୀ ଓ ଅସ୍ଥାୟୀ ଦୋକାନୀମାନେ ଜିଲ୍ଲା ପ୍ରଶାସନର ବାରମ୍ବାର ନୋଟିସ ଜାରି, ଡାକବାଜି ଯନ୍ତ୍ରରେ ପ୍ରଚାର ସତ୍ତ୍ୱେ ବେଆଇନ ନିର୍ମାଣ ଭାଙ୍ଗିବାକୁ ନିବେଦନ କରାଯାଉଥିଲେ ମଧ୍ୟ କେହି ଶୁଣିନଥିଲେ। ସେଥିପାଇଁ ଆଜି ରଣପୁର ତହସିଲଦାର, ପୁଲିସ ପ୍ରଶାସନ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଜେସିବି ଲଗାଇ ବେଆଇନ ନିର୍ମାଣକୁ ଭଙ୍ଗା ଯାଇଛି।

ଖୋର୍ଦ୍ଧା ଐତିହାସିକସମାଜ ଓ ସାହିତ୍ୟ ସଂସଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜୟନ୍ତୀ

# ବରୁଣେଇ ଶୀର୍ଷରେ ସ୍ଥାପିତ ହେଉ ପ୍ରତିମୂର୍ତ୍ତି

**ଖୋର୍ଦ୍ଧା,୧୨।୧୧(ସମିସ)**



ଖୋର୍ଦ୍ଧା ଐତିହାସିକ ସମାଜ ଓ ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦ ସଦନଠାରେ ମହାନ ବୀର ବିପ୍ଳବୀ ପ୍ରାତଃ ସ୍ମରଣୀୟ ଯୋଗଜନ୍ମା ଜୟକୃଷ୍ଣ ରାଜଗୁରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଐତିହାସିକ ସମାଜର ଉପସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ କବି ବୈକୁଣ୍ଠନାଥ ରାଜଗୁରୁ ସ୍ୱାଗତ ଭାଷଣ ଦେବା ସହିତ ଜୟୀରାଜଙ୍କ ଦେଶଭକ୍ତି ଓ ଆତ୍ମୋତ୍ସର୍ଗ କିପରି ଭାରତର ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିଥିଲା ସେ ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ। ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁ ନାଟକରେ ପ୍ରାୟ ଅର୍ଦ୍ଧଶତାବ୍ଦୀ ତଳେ ଅଭିନୟ କରିଥିବା ବିଶିଷ୍ଟ ଆଇନଜୀବୀ ବିଧାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେବି ହାଇସ୍କୁଲର ୧୯୫୦ ରେ ନାମିତ ହୋଇଥିବା ଜୟୀ ରାଜଗୁରୁ ଛାତ୍ରାବାସରେ ଓ ଜୟୀ ରାଜଗୁରୁ ପାର୍କ ସନ୍ନିକଟରେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରିବା ଆବଶ୍ୟକ ବୋଲି କହିଥିଲେ। ତ୍ରିକଳିଙ୍ଗ ଜର୍ଣ୍ଣାଲର୍ ପ୍ରାଣ ପ୍ରତିଷ୍ଠାତା ଯୁବ ଗବେଷକ ସମ୍ବିତ୍ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୟୀଙ୍କ ବିଚାର ଓ ହତ୍ୟାସ୍ଥଳ ସମ୍ପର୍କରେ ଐତିହାସିକ ଓ ଗବେଷକମାନଙ୍କ ବିଭିନ୍ନ ମତର ବିଶ୍ଳେଷଣ କରି ବୈଜ୍ଞାନିକ ଭିତ୍ତିରେ ଗବେଷଣା ହେଲେ ପ୍ରକୃତ ସତ୍ୟ ଉନ୍ମୋଚିତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି କଳିଙ୍ଗ ପାଇକ ସଂଗଠନର ଉପ ସଭାପତି ଶ୍ରୀ ସାମନ୍ତରାୟ ରାଷ୍ଟ୍ରପତି ଶୁଭ ଶୁଭ ଦେଇଥିବା ପାଇକ ସ୍ମାରକୀର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ବର୍ବରୋଚିତ ହତ୍ୟା କରାଯାଇଥିବା ନିର୍ଭିକ ବୀର ଜୟୀ ରାଜଗୁରୁଙ୍କ ବିଶାଳ ପ୍ରତିମୂର୍ତ୍ତି ବରୁଣେଇ ପାହାଡ଼ ଶୀର୍ଷଦେଶରେ ସ୍ଥାପନ ହେଲେ ଏହା ଏକ ଜାତୀୟ ସ୍ମାରକୀରେ ପରିଣତ ହୋଇପାରିବ ବୋଲି ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି।

ବଂଶୀଧର ଦାସ, ପାଇକ ବିଦ୍ରୋହ ହିନ୍ଦି ଧାରାବାହିକର ଓଡ଼ିଆ ଅନୁବାଦକ ଆଶୀଷ ରାୟ, ଗାନ୍ଧୀ ଦର୍ଶନ ଭିତ୍ତିରେ ଲିଖିତ ଇଂରେଜ ଉପନ୍ୟାସର ଲେଖକ ବିଭୂତି ସେନାପତି, ଅଭିନେତା ରବିନ୍ଦ୍ର ସାହୁ, ସତ୍ୟବ୍ରତ ଦାସ ପ୍ରମୁଖ ଜୟୀ ରାଜଗୁରୁଙ୍କର ତ୍ୟାଗପୂତ ଜୀବନ ବୀରତ୍ୱ ଓ ବଳିଦାନ ସମ୍ପର୍କରେ ଅବତାରଣା କରିଥିଲେ। ଐତିହାସିକ ସମାଜର ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ଧନ୍ୟବାଦ ଦେବା ସହିତ ଖୋର୍ଦ୍ଧାର ଅଜ୍ଞାତ ଓ ଅବହେଳିତ ବୀର ଓ ବିଦ୍ୱାନମାନଙ୍କ ସମ୍ପର୍କରେ ଆଗାମୀ ଦିନରେ ସ୍ମୃତି ସଭାମାନ ଆୟୋଜନ କରାଯିବ ବୋଲି କହିଥିଲେ।

# ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଟାଙ୍ଗୀ,୧୨।୧୧(ସମିସ):** ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ ତରଫରୁ ଟାଙ୍ଗୀ ବ୍ଲକ ଅଧିନସ୍ଥ ବଡପାରି ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବଡପାରି ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ଏହାକୁ ଉଦଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ରେଣୁବାଳା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନନ୍ତ ଚରଣ ପରିଡା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁଲତା ବେହେରା, ଶିକ୍ଷକ ସଂଗଠନ ବ୍ଲକ ସମ୍ପାଦକ ସନ୍ତୋଷ ବେହେରା, ବଡପାରି କ୍ଲଷ୍ଟର ସିଆରସିସି ଦୁଃଶାସନ ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରଭାକର ଜୟସିଂହ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ବାଲ ବୈଜ୍ଞାନିକମାନଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେଶ୍ମା ଟେଟେ, ତହସିଲଦାର ମିତାଲି ପାତ୍ର, ପ୍ରଭାକର ଜୟସିଂହ, ସୁଧାଂଶୁ ମଞ୍ଜରୀ ଦେବୀ ପ୍ରମୁଖ ଅତିଥିରୂପେ ଯୋଗ ଦେଇଥିଲେ। କୁନିକୁନି ପିଲାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜ୍ୟୋତିର୍ମୟୀ ମହାରଣା ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସିଆରସିସି ପ୍ରଶାନ୍ତ ପ୍ରଶାନ୍ତ ମହାପାତ୍ର, ଶ୍ୟାମସୁନ୍ଦର ବିଶ୍ୱାଳ, ଲଳିତନାରାୟଣ ମହାପାତ୍ର, ସାଗରିକା ପାଇକରାୟ ମଞ୍ଚ ପରିଚାଳନା କରିଥିଲେ। ରାମଚନ୍ଦ୍ର କଳ୍ପନା ଉଚ୍ଚମାଧ୍ୟମିକ ବିଦ୍ୟାଳୟ କମାଗୁରୁର ବିଜ୍ଞାନ ଅଧ୍ୟାପକ ଯଜ୍ଞେଶ୍ୱର ଯୁଝାରସିଂ ଏବଂ ବିଶ୍ୱଜିତ ପଟ୍ଟନାୟକ ବିଚାରକରୂପେ ଯୋଗ ଦେଇ ପ୍ରକଳ୍ପ ଗୁଡିକ ମୂଲ୍ୟାୟନ କରିଥିଲେ। ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟରୁ ମୋଟ ୮୪ଟି ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଜୈବିକ କୃଷି ପ୍ରକଳ୍ପରେ ପ୍ରିୟଙ୍କା ପେଣ୍ଠୋଇ, ବିପର୍ଯ୍ୟୟ ପରିଚାଳନାରେ ଶୁଭମ କରନ, ସମ୍ବଳ ପରିଚାଳନାରେ ଲକ୍ଷ୍ମୀ ପ୍ରସାଦ ସାମନ୍ତ ସିଂହାର, ବର୍ଜ୍ୟବସ୍ତୁ ପରିଚାଳନାରେ ଶୁଭସ୍ମିତା ପେଣ୍ଠୋଇ, ଯୋଗାଯୋଗ ଗମନାଗମନରେ ଅମ୍ରିତା ସିଂହ, ଗଣିତ ପ୍ରକଳ୍ପରେ ଅଭିନବ ବିଶ୍ୱାଳ, ଖାଦ୍ୟ ସ୍ୱାସ୍ଥ୍ୟ ଓ ସୁସ୍ଥତା ପ୍ରକଳ୍ପରେ ପ୍ରିୟଦର୍ଶିନୀ ମହାକୁଡ଼ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।



# ବିଜେଡ଼ି ସଭ୍ୟ ସଂଗ୍ରହ ପ୍ରଶିକ୍ଷଣ ଶିବିର

**ବେଗୁନିଆ,୧୨।୧୧(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡିର ସଭ୍ୟ ସଂଗ୍ରହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବେଗୁନିଆ ବ୍ଲକର ଛାମୁଆ ବିଜେଡି କର୍ମୀ ଓ ସମସ୍ତ ପଞ୍ଚାୟତର ଡିଜିଟାଲ ସ୍ୱେଚ୍ଛାସେବୀଙ୍କୁ ନେଇ ସଭ୍ୟ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ପାଠ କରାଇଥିଲେ। ପରେ ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ସମସ୍ତ ଯୁବବନ୍ଧୁ ୱାର୍ଡସ୍ତରରେ ନୂତନ ସଦସ୍ୟତା ଅଭିଯାନ ସମ୍ପର୍କରେ ଅବଗତ କରିଥିଲେ।



# ଦେଶୀମଦ ଜବତ; ୪ ଗିରଫ

**ବେଗୁନିଆ,୧୨।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ଥାନା ମିଳିତ ଭାବେ ଚଢ଼ଉ କରି ବିଭିନ୍ନ ସ୍ଥାନରୁ ମୋଟ ୭୫ ଲିଟର ଦେଶୀମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷିକା ସ୍ମିତା ପଣ୍ଡା, ସହକାରୀ ଉପନିରୀକ୍ଷକ ବିରଞ୍ଚି ନାରାୟଣ ମହାନ୍ତି, ସିପାହୀ ବିକାଶ ଚନ୍ଦ୍ର ରାଉତ, ମନୋଜ କୁମାର ଜୟସିଂହ ଓ ଚିନ୍ମୟୀ ସେଠୀଙ୍କ ସମେତ କର୍ମଚାରୀମାନେ ଚଢ଼ଉ କରି ଚଟୁଆ ଗ୍ରାମର ସନ୍ତୋଷ କୁମାର ସାହୁ, ଧନେଶ୍ୱର ସାହୁ, ହୀରାପୁର ଗ୍ରାମର ନରୋତ୍ତମ ସାହୁ ଓ ଡୋଭାପାଟଣା ଗ୍ରାମର ପଞ୍ଚୁ ବେହେରାଙ୍କଠାରୁ ଦେଶୀମଦ ଜବତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଓ ରିପବ୍ଲିକ୍ ଅଫ୍ ଜିମ୍ବାୱେ ସରକାରଙ୍କ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର



**ଜଟଣୀ,୧୨।୧୧(ସମିସ):** ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏବଂ ରିପବ୍ଲିକ ଅଫ ଜିମ୍ବାୱେ ସରକାରଙ୍କର ପବ୍ଲିକ୍ ଓ ନ୍ୟାସନାଲ୍ ସ୍କିଲ୍ ଡେଭେଲପମେଣ୍ଟ ବିଭାଗ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ବଞ୍ଚିତ ବର୍ଗର ଜିମ୍ବାୱେ ପ୍ରଜାଙ୍କୁ ଦକ୍ଷତା ଅଭିକ୍ଷମତା ଏବଂ ବୃତ୍ତିଗତ ଶିକ୍ଷାରେ ଉନ୍ନତ ଶିକ୍ଷା ଏବଂ ସାମର୍ଥ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ କରି ଏକ ମହତ୍ତ୍ୱପୂର୍ଣ୍ଣ ସହଯୋଗ ରହିଛି। ଏହି ଚୁକ୍ତି ଅନୁସାରେ ଜିମ୍ବାୱେର ବଞ୍ଚିତ ଅବସ୍ଥାରୁ ଆସିଥିବା ଛାତ୍ରଛାତ୍ରୀ ଓ ପେଶାଦାରମାନେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣର ଅବସର ଲାଭ କରିପାରିବେ। ଜିମ୍ବାୱେ ରାଷ୍ଟ୍ରପତିଙ୍କ ଉପମୁଖ୍ୟ ସଚିବ ଓ କ୍ୟାବିନେଟ ଜେଡ. ଆର୍. ଚୁରୁ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର ଡ଼ଃ ଅଜୟ ନାୟକ, ଡ଼ଃ ଓଡଜାନାଇ କାଚେରେ ଏବଂ ସେଞ୍ଚୁରିଅନ୍ ୟୁନିଭର୍ସିଟିର ଆନ୍ତର୍ଜାତୀୟ ସମ୍ପର୍କ ଏବଂ ସରକାରୀ ସହଯୋଗର ନିର୍ଦ୍ଦେଶିକା ମିସ୍ ମୋନାଲିଶା ଘୋଷଙ୍କ ଦ୍ୱାରା ସଂଗଠିତ କରାଯାଇଥିଲା।

# ଶ୍ରୀରଙ୍ଗନାଥ ଦେବଙ୍କ ଲକ୍ଷ୍ମୀନାରାୟଣ ବେଶ

**ବାଣପୁର,୧୨।୧୧(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ପଞ୍ଚୁକ ଆରମ୍ଭ ତଥା ବଡ଼ ଏକାଦଶୀ ଉପଲକ୍ଷେ ମଙ୍ଗଳବାର ଲକ୍ଷ୍ମୀନାରାୟଣ ବେଶରେ ପ୍ରଭୁ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଅବକାଶ ନୀତି ପରେ ଠାକୁର ଅଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ ପରିଧାନ କରିଥିଲେ। ଶ୍ରୀରଙ୍ଗନାଥଦେବଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ନିମନ୍ତେ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଞ୍ଚୁକ ଅବସରରେ ମହାପ୍ରଭୁଙ୍କ ପୀଠରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଯାଇଛି। ଫଳରେ ବାଣପୁର ଉତ୍ସବମୁଖର ହୋଇପଡ଼ିଛି। କାର୍ତ୍ତିକ ମାସତମାମ କାର୍ଯ୍ୟକ୍ରମକୁ କମିଟିର କର୍ମକର୍ତ୍ତା ଦେବଦତ୍ତ ପାଣି, ଦାସରଥୀ ସାହୁ, ବାଳମୁକୁନ୍ଦ ଦାସ, ପଦ୍ମଚରଣ ମହାପାତ୍ର ପ୍ରମୁଖ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରୁଛନ୍ତି।



# ରେଳବାଇ ପୁଲିସ ପକ୍ଷରୁ ସଚେତନତା



**ବାଲୁଗାଁ,୧୨।୧୧(ସମିସ):** ବାଲୁଗାଁ ରେଳ ସୁରକ୍ଷା ବଳ ବାହିନୀ ପକ୍ଷରୁ ମଙ୍ଗଳବାର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ରେଳବାଇ ପୁଲିସ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ବାଲୁଗାଁ ନିକଟସ୍ଥ ତଥା ଗଞ୍ଜାମ ଜିଲ୍ଲା ସଂଲଗ୍ନ ରେଳ ଧାରଣା ପାର୍ଶ୍ୱ କେଶପୁର ଉଚ୍ଚ ବିଦ୍ୟାଳୟ ଏବଂ ଗୋରାପଲ୍ଲୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପୃଥକ ପୃଥକ ଭାବେ ରେଳ ଓ ଯାତ୍ରୀ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ଚଳନ୍ତା ଟ୍ରେନକୁ ପଥର ନ ଫୋପାଡ଼ିବା, ଟ୍ରେନ ଆସିବା ସମୟରେ ଫାଟକ ଅତିକ୍ରମ ନ କରିବା, ଟ୍ରେନ ଚଳପ୍ରଚଳ ସମୟରେ ବିପଦପୂର୍ଣ୍ଣ ଭାବେ ମୋବାଇଲରେ ରିଲସ୍ ନ ବନେଇବା ଏବଂ ନିୟମ ମାନି ରେଳ ପରିସର ଅଞ୍ଚଳକୁ ପରିଷ୍କାର ରଖିବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏଏସ୍ଆଇ ଅର୍ଜୁନ ପାତ୍ରଙ୍କ ସମେତ ଅନ୍ୟ ରେଳ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩୫ ଲିଟର ଦେଶୀ ମଦ ଜବତ; ୩ ଅଭିଯୁକ୍ତ ଗିରଫ

**ବେଗୁନିଆ,୧୨।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗର ଅଧିକ୍ଷୀକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରି ୩୫ ଲିଟର ଦେଶୀ ମଦ ଜବତ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଆର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ ଜଙ୍କିଆ ଥାନା ଅନ୍ତର୍ଗତ ବାଳଝାଡି ଗ୍ରାମର ପ୍ରଭାତୀ ରାୟ, ଓଲସିଂହ ଟାଙ୍ଗୀସାହି ଖଡ଼ିକଦେଇ ବରାଳ ଓ ଗୌଡ଼ିଆପଡ଼ା ଗ୍ରାମରୁ ଶ୍ରୀ ନିବାସ ମାନସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବ୍ରାଉନସୁଗର୍ ଜବତ, ଦୁଇ ଗିରଫ



**ଜଟଣୀ,୧୨।୧୧(ସମିସ):** ବ୍ରାଉନ୍ସୁଗର ବିକ୍ରି ଘଟଣାରେ ପୁଲିସ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲଗୋଦାମ ଛକ ଅଞ୍ଚଳର ଏସ କେ ସରାଫ ଓରଫ୍ ଦିଲୁ (୨୬) ଓ ଲୋକୋ କଲୋନିର ମନୋଜ କୁମାର ନାଏକ ଓରଫ୍ ମଣ୍ଟୁ (୪୦)। ସେମାନଙ୍କ ନିକଟରୁ ୧୧.୬୫ଗ୍ରାମର ବ୍ରାଉନସୁଗର୍ ଓ ନଗଦ ୭ ୯୦ଟଙ୍କା ପୁଲିସ ଜବତ କରିଛି।

# ରାଜନେତା ରାଜକିଶୋର ପାତ୍ରଙ୍କ ଶୋକସଭା

**ଟାଙ୍ଗୀ,୧୨।୧୧(ସମିସ):** ବରିଷ୍ଠ ରାଜନେତା ସମାଜସେବୀ ରାଜକିଶୋର ପାତ୍ରଙ୍କ ଦଶାହ ଅବସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ଜିଲ୍ଲା ପରିଷଦ ବିଜୟ କୁମାର ଜେନା, ସମାଜସେବୀ ସଞ୍ଜୟ ପଟ୍ଟନାୟକ, ଟାଙ୍ଗି ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବରିଷ୍ଠ ନାରୀ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ଟାଙ୍ଗୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ ବେହେରା, ସମାଜସେବୀ ଗିରୀଶ ମହାରଣା, ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ମନୋଜ କୁମାର ମାନସିଂହ, ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ, ଜୟଦେବ ବେହେରା, ରଘୁନାଥ ବେହେରା, ବିପିନ ଉଦୟସିଂହ, ଲକ୍ଷ୍ମଣ ଶ୍ରୀଚନ୍ଦନ, ଲଲାଟ କେଶରୀ ମଙ୍ଗରାଜ ଓ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଖୋର୍ଦ୍ଧା,୧୨।୧୧(ସମିସ):** ସ୍ଥାନୀୟ ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠ ପରିସରରେ ଏକତ୍ରିଂଶତମ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶକ୍ତିପୀଠର ମୁଖ୍ୟ ସଂଯୋଜକ ଇଂ ପ୍ରମୋଦ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧ୍ୟାତ୍ମିକ ଉତ୍ସବରେ ଗାୟତ୍ରୀ ପ୍ରବଚକ ନବଘନ ଶତପଥୀ, ମୀନାରାଣୀ ଶତପଥୀ, ଡ. ଆରାଧନା, ଉପାସନା ପ୍ରମୁଖ ଯୋଗଦେଇ ଗାୟତ୍ରୀ ମନ୍ତ୍ର ତଥା ଯଜ୍ଞର ମହତ୍ତ୍ୱ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ପ୍ରାୟ ୧୨ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ଶାନ୍ତିକୁଞ୍ଜ, ହରିଦ୍ୱାର ପକ୍ଷରୁ ବୃତ୍ତଚିତ୍ର 'ଆସନ୍ତୁ ଗଢ଼ିବା ସଂସ୍କାରବାନ ପୀଢ଼ି' ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ ପ୍ରମୁଖ ଯଜ୍ଞରେ ସାମିଲ ହୋଇଥିଲେ।

ଖୋର୍ଦ୍ଧା ଜିଲ୍ଲା ଇନ୍ଟ୍ରା କ୍ଲବ୍ କ୍ରିକେଟ୍

# ରାଇଜିଂଷ୍ଟାର୍ କ୍ରିକେଟ୍ କ୍ଲବ ବିଜୟୀ

**ଖୋର୍ଦ୍ଧା,୧୨।୧୧(ସମିସ)**

ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡ଼ିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ଚାଲିଥିବା ସିନିୟର୍ ଇନଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଏବଂ ଜଟଣୀ କ୍ରିକେଟ୍ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଜଟଣୀ କ୍ରିକେଟ୍ ଏକାଡେମୀକୁ ୮ ୱିକେଟ୍‌ରେ ପରାସ୍ତ କରିଛି। ଜଟଣୀ କ୍ରିକେଟ୍ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୬.୨ ଓଭରରେ ସମସ୍ତ ୱିକେଟ ହରାଇ ୮୬ରନ୍ କରିଥିଲା। ଦଳ ପକ୍ଷରୁ ସାକିର ଅଲ୍ଲୀ ୨୯ ରନ୍ କରିଥିଲେ। ରାଇଜିଂଷ୍ଟାର ଦଳ ତରଫରୁ ରାହୁଲ୍ ସାମନ୍ତରାୟ ୩ ୱିକେଟ ନେଇଥିବାବେଳେ ତୀର୍ଥଙ୍କର ସାହୁ ଓ ଅଭିଜିତ ମହାନ୍ତି ପ୍ରତ୍ୟେକ ୨ଟି ୱିକେଟ୍ ନେଇଥିଲେ। ଏହାର ଜବାବରେ ରାଇଜିଂଷ୍ଟାର୍ କ୍ଲବ୍ ୧୩ ଓଭରରେ ୨ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ତୀର୍ଥଙ୍କର ସାହୁ ଅପରାଜିତ ୩୨ ରନ ଓ ରଶ୍ମିକାନ୍ତ ଦାସ ୨୬ ରନ୍ କରି ଦଳକୁ ୮ ୱିକେଟ୍ ରେ ବିଜୟୀ କରାଇଥିଲେ। ତୀର୍ଥଙ୍କର ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥଲେ। ମ୍ୟାଚ୍‌କୁ ପ୍ରଦୀପ୍ତ ଜେନା ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ବିଂଚି ନାରାୟଣ ଜେନା ଓ ସଂଯୋଜକ ଭାବେ କେ ବିଶ୍ୱନାଥ ଦାୟିତ୍ୱରେ ଥିଲେ। ବୁଧବାର ଦିନ ଇଗଲ କ୍ରିକେଟ କ୍ଲବ୍ ଓ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।



